

# ଲାଲ ସମାଧି

( ଡିଟେକ୍ଟିଭ୍ ଉପନ୍ୟାସ )

0/401

ଶ୍ରୀ ଭେଲାନାଥ ଶତପଥି ବ. ଏ.

ପ୍ରକାଶକ

**ନବଶକ୍ତି ପୁସ୍ତକାଳୟ**

ତେଲେଙ୍ଗାପେଣ୍ଠ, କଟକ-୨

ପ୍ରଥମ ମୁଦ୍ରଣ

ଏକ ହଜାର

ଆତ୍ମପ୍ରକାଶ

ମାର୍ଚ୍ଚ ୧୯[illegible]

ମୂଲ୍ୟ—ଟ ୧ ୫

ମୁଦ୍ରାକର

ଶ୍ରୀ କିଶୋରଚନ୍ଦ୍ର ମିଶ୍ର

କଳ୍ପନା ପ୍ରେସ

କଟକ—୧

ଦୁଇ ।

ଶ୍ରାବଣର ବର୍ଷା ରାତି । ଘନ ଅନ୍ଧକାର ଜମାଟ ବାନ୍ଧି ରଖିଛି ମୁକୁନ୍ଦପୁର ଗ୍ରାମକୁ । ସେହି କରାଳ ରାତ୍ରିର ଅନ୍ଧକାର ଭିତରେ ଦୁନିଆର ସମଗ୍ର ମନ ମୁଗ୍ଧକର ଶୋଭା ସମାଧି ରଚି ବିଲୀନ ହୋଇ ଯାଇଛି । ଚତୁର୍ଦ୍ଦିଗରେ କେବଳ ଧାରା ଶ୍ରାବଣର ଅବିରତ ଝର ଝର ଶବ୍ଦ । ନିଶାଚରର ଗୀତ ଫୁଟାଇ ଝିଂକାରର ଝିଂ ... ଝିଂ ଝଙ୍କାର, ବେଙ୍ଗ ବେଙ୍ଗୁଲିର କର୍କଶ ସ୍ୱର, ନବ ଜୀବନ ପ୍ରାପ୍ତ ଶତ ଶତ ଝରଣାର କଳ କଳ ତାନ । ଘନ ନୀଳ ଆକାଶରୁ ଶତ ଶତ ଜଳ ବିନ୍ଦୁ ଗଛ ପତ୍ରରେ ପଡି ପ୍ରକୃତି ରାଜ୍ୟରେ ସୃଷ୍ଟି କରୁଛି ଗୋଟାଏ ଶୃଙ୍ଖଳ୍ୟ କୋଳାହଳ । ଭୟଭୀତ ହୋଇ ପକ୍ଷୀମାନେ ଆଶ୍ରୟ ନେଇଛନ୍ତି ନିଜ ନିଜ ନୀଡରେ । ନିକଟସ୍ଥ ପାହାଡ ଉପରେ ଆଜି କ୍ଷୁଧାର୍ତ୍ତ ଶୃଗାଳର ଆବାଜ ନାହିଁ । ସେ ବି ଭୋକ ଶୋଷ ଭୁଲି, ଭୟରେ ଲୁଚି ରହିଛି ,କେଉଁ ପର୍ବତ ଗୁହାରେ । ହସ ହସ ସବୁଜ ଶୋଭା ଭିତରେ ପ୍ରକୃତିର ତାଣ୍ଡବ ନୃତ୍ୟ, ବିରହିଣୀର ଗୀତ ଫଟାଇ ପ୍ଲାବିତ ଅଶ୍ରୁଧାରା ପରି ଆଜି ଧାର ଧାର ଲୁହ ବୋହି ଯାଉଛି ଶ୍ରାବଣ ନୟନରୁ । ଗୀତର କୋହ ଉଠାଇ ବିଜୁଳି ଚମକୁଛି, ପ୍ରତିଧ୍ୱନିତ କରୁଛି ପ୍ରକୃତି ରାଜ୍ୟକୁ । କିନ୍ତୁ ପୁଷ୍ପ ରାଜି ହସି ହସି ଅସ୍ଥିର । କି ପାର୍ଥକ୍ୟ ଦୁଇଟି ଜୀବନରେ । କାନ୍ଦି କାନ୍ଦି ଜଣେ ବ୍ୟଥିତ, କିନ୍ତୁ ସେହି ଲୋତକ ଦେଖି ଅନ୍ୟ ଜଣେ ହସି ହସି ଅସ୍ଥିର । ଏହି ତ ସଂସାରର ମାୟା । ହସ ଓ କାନ୍ଦ ଭିତରେ ଜୀବନର ଗତି, ସୁଖ ଓ ଦୁଃଖ ଭିତରେ ମନୁଷ୍ୟର ବିଭିନ୍ନ ଅନୁଭୂତି । ଜୀବନ ଚକ୍ର ଘୁରି ବୁଲୁଛି ଅବିଶ୍ରାମ ଭାବେ-ଅନାବରତ ।

ଏହି ନିର୍ଜନ ବର୍ଷା ରାତିରେ ଦୂରରୁ ଦେଖାଗଲା ଗୋଟାଏ ଛାୟା ମୂର୍ତ୍ତି । ଘନ ଅନ୍ଧକାର ଭିତରେ ବର୍ଷାରେ ଭିଜି ଭିଜି ଚାଲିଛି ମୁକୁନ୍ଦପୁରର ଅଦୂରରୁ ପାହାଡ଼ ଦେଇ । ଚାରିଆଡେ ଭୟ ଭୀତ ହୋଇ ଚାହୁଁଛି । ତଥାପି ଆଗକୁ ପାଦ ପକାଇ ତରବରରେ ଚାଲିଛି । ହଠାତ୍ ବସିଗଲା ହାତ ଉପରେ । ଉଠିବାକୁ ଚେଷ୍ଟା କରୁଛି । କିନ୍ତୁ ପାରୁନି । କିଛି କ୍ଷଣ ପରେ ମାଟିରେ ହାତ ଭରା ଦେଇ ଉଠି ଆସ୍ତେ ଆସ୍ତେ ଆଗକୁ ଚାଲିଲା । ବୋଧହୁଏ ଚାଲିବାକୁ ଅକ୍ଷମ । ଦେହର ସମସ୍ତ ଶକ୍ତି ପ୍ରୟୋଗ କରି ଆଗକୁ ଚାଲିବାକୁ ଚେଷ୍ଟା କରୁଛି । କିନ୍ତୁ ପାରୁନି । ଗୋଡ଼ ଖସି ତଳେ କଚାଡ଼ି ହୋଇ ପଡୁଛି, ପୁଣିରେ ଉଠି ଚାଲୁଛି । ସେହି ଶ୍ରାବଣୀ ବର୍ଷା ରାତିର କୋଳାହଳ ଭିତରେ ସମୟେ ସମୟେ ଭାସି ଆସୁଛି ହୃଦୟକୁ ବିଦାରକ ଦୁଃଖ ଯନ୍ତ୍ରଣାର ମର୍ମନ୍ତୁଦ ସ୍ୱର । ଦୂରରୁ ବାରି ହେଉନି କି ? ସେହି ପଥିକ ଆଜି ଚାଲିଛି ଏହି ବିଜନ ରାତିରେ ନିଜର ଜୀବନ ପ୍ରତି ଜଳାଞ୍ଜଳି ଦେଇ ଏହି ବନ୍ଧୁର ପଥରେ । ଆଉ ଚାଲି ପାରିଲା ନାହିଁ । କଚାଡ଼ି ହୋଇ ପଡିଗଲା ଗୋଟାଏ ଗଛ ମୂଳେ । ଅତି ଜୋରରେ ପାଣି ପଡୁଛି ଆକାଶରୁ ମନେ ହେଉଛି ଯେପରି ଆକାଶ ଭାଙ୍ଗି ଆଜି ପାଣି ବରଷି ଯିବ ଏହି ତୃଷାର୍ତ୍ତ ଧରଣୀ ଉପରେ ।

ହଠାତ୍ ଗୋଟିଏ ସଦ୍ୟ ଜାତ ଶିଶୁର କ୍ରନ୍ଦନ ସ୍ୱର ମୁଖରିତ କରି ଦେଲା ଏହି ଗମ୍ଭୀର ରଜନୀକୁ କ୍ଷଣିକ ପାଇଁ । ପୁଣିରେ ଚାରିଆଡ଼େ ଶୁନ୍ ଶାନ୍ । ଦୂରକୁ ଦେଖାଗଲା ଆଉ ଗୋଟାଏ ଛାୟା ମୂର୍ତ୍ତି କ୍ଷିପ୍ର ଗତିରେ ଚାଲିଛି ସେହି ପ୍ରଥମ ଛାୟା ମୂର୍ତ୍ତିର ପଛେ ପଛେ ହାତରେ ମସ୍ତବଡ଼ ଠେଙ୍ଗା । ଅତି ଜୋରରେ ପାଦ ପକାଇ ଆଗକୁ ଚାଲିଛି । ବୋଧହୁଏ ଏହି କରାଳ ରାତି ତାର ମନର ଝଞ୍ଜା ତୋଫାନ ଆଗରେ କିଛି ନୁହେଁ । ଛାୟା ମୂର୍ତ୍ତିଟିର ମନରେ ଭୟ

ନାହିଁ, ଭ୍ରାନ୍ତ ନାହିଁ । ନିର୍ଭୀକ ଭାବେ ଆଗକୁ ପାଦ ପକାଇ ଚାଲିଛି । ହଠାତ୍ ଠିଆ ହୋଇ ଗଲା ସେହି ନିବିଡ଼ ଘନ ଅନ୍ଧକାର ଭିତରେ ତା'ର ଆଖି ଦୁଇଟି କାହାକୁ ଯେପରି ଖୋଜୁଛି । ହଠାତ୍ ଶୁଣିଲା ଗୋଟାଏ ଗଛ ମୂଳରୁ ଯେଉଁ ଦଗୁ ଭାସି ଆସୁଥିଲା ଶିଶୁର କ୍ରନ୍ଦନ ସ୍ୱର । ଅତି ଜୋର ପାଟିରେ ଡ଼ାକ ଦେଲା 'ବା......ବୁ'। ପ୍ରତିଧ୍ୱନି ଖେଳିଗଲା କ୍ଷଣିକ ପାଇଁ ସେହି ଜନ ଶୂନ୍ୟ ପ୍ରାନ୍ତରେ ।

ଗଛ ମୂଳେ ଗୋଟାଏ ଛାୟା ମୂର୍ତ୍ତି ଉଠି ବସିଲା । ସଙ୍ଗେ ସଙ୍ଗେ ହାତରେ ମାଟି ଖୋଳିବା ଦେଖା ଗଲା । ଦ୍ୱିତୀୟ ଛାୟା ମୂର୍ତ୍ତିଟି ଚାଲିଗଲା ପ୍ରଥମ ଛାୟା ମୂର୍ତ୍ତି ନିକଟକୁ । ନିକଟରେ ଠିଆ ହୋଇ ଅତି ଆଦରରେ ଡାକିଲା 'ବାବୁ'। କେତେ ସ୍ନେହ ମମତା ଭରି ରହିଥିଲା ତାର ଡ଼ାକରେ ।

କିନ୍ତୁ ପ୍ରଥମ ଛାୟା ମୂର୍ତ୍ତିଟି ଅବିଚଳିତ

ଦ୍ୱିତୀୟ ଛାୟା ମୂର୍ତ୍ତିଟି ତଳେ ବସି କଣ ଗୋଟାଏ ଜିନିଷ ଉଠାଇବାକୁ ଚେଷ୍ଟାକଲା । କିନ୍ତୁ ପ୍ରଥମ ଛାୟା ମୂର୍ତ୍ତିଟି ବାଧାଦେଇ କହିଲା "ଏହା ଉପରେ ହାତ ଦେବା ତୁମର ଅଧିକାର ନାହିଁ । ତୁମେ ଚାଲିଯାଅ—ଭାଇ । ମୋ କାର୍ଯ୍ୟରେ ବାଧା ଦିଅନା । ମୁଁ ମରିବାକୁ ଚାହେଁ । ମରିବା ପୂର୍ବରୁ ଯାକୁ ମାରି ଦେଇ ଯିବି"।

ଗୋଟାଏ ରମଣୀର ସ୍ୱର । ଦୁଃଖ ଓ ଯନ୍ତ୍ରଣା ଗଳାଟିକୁ ରୁନ୍ଧି କରି ଦେଇଛି । କଥା କହିବାକୁ ସୁଦ୍ଧା ଅକ୍ଷମ । ଦୁର୍ବଳ ଶରୀର ଥରା ପବନ ବାଜି ଥରୁଛି । ଖର ଶ୍ୱାସ ପୁନଃ ପୁନଃ ଚାଲି ଯାଉଛି ପେଟକୁ ଦ'ଭାଗ କରି ।

ଚପଳା ଝଲସି ଉଠିଲା କୃଷ୍ଣ ମେଘ ଦେହରେ । ଯୁବତୀର ମୁଁହଟି ସ୍ପଷ୍ଟ ଭାବେ ଦେଖାଗଲା କ୍ଷଣିକ ପାଇଁ । ବିଷାଦର ଛାୟା ମୁଖଟିକୁ ଆବୃତ କରି ରଖିଛି । ପ୍ରସବ ବେଦନାରେ ଯୁବତୀଟିର ସାରା ଶରୀର ଥରୁଛି । ନିକଟରେ ଭୂଇଁ ଉପରେ ପଡ଼ିଛି ଏକ ସଦ୍ୟ ଜାତ ଶିଶୁ । ତୁହାକୁ ତୁହା କାନ୍ଦୁଛି । ଗୋଟାଏ ଅଜଣା ଶକ୍ତି ସାହାସ ଦେଉଛି ମନରେ । ଫେରେ ମାଟି ଖୋଳିବାରେ ଲାଗିଲା ଯୁବତୀଟି ।

ଦ୍ୱିତୀୟ ଛାୟା ମୂର୍ତ୍ତିଟି ଯୁବକ, ସ୍ନେହ ଓ ଆଦରରେ କହିଲା "ଧୈର୍ଯ୍ୟ ଧର ବନ୍ଧୁ । ଏପରି ହତୋତ୍ସାହ ହେଲେ ଚଳିବ" ?

"ହଁ ହଁ ବେଶ୍ ଧୈର୍ଯ୍ୟ ଧରିଛି ତୁମେ ଚାଲିଯାଅ" ଦୁଃଖ, କଷ୍ଟ, ଅପମାନ, ପ୍ରତିଶୋଧ ସମସ୍ତ ଭରି ରହିଥିଲା ଯୁବତୀର ଏହି କେତୋଟି ପଦରେ ।

ଫେରେ କଅଁଳା ଶିଶୁଟି କାନ୍ଦି ଉଠିଲା କୁ...ଆଁ...କୁ...ଆଁ 'ବି...ଦୁ!ଷ୍ଟଜ ଏହି ଶିଶୁକୁ ନହେଲେ ଏଇ ଦେଖ... ପାଞ୍ଚ ହାତ ଲମ୍ବର ଗୋଟାଏ ଠେଙ୍ଗା ଉଠିଗଲା ଉପରକୁ ।

"ହାଃ ! ହାଃ ! ହାଃ" ।

ଭୟଙ୍କର ସେହି ଯୁବତୀର ହସ, ଯୁବତୀଟି କହି ଚାଲିଲା 'ମୃତ୍ୟୁର ଭୟ ଦେଖାଉଛ ମୋତେ ? ମୁଁ ବହୁ ଦିନରୁ ମରିଛି । ଅକାରଣରେ କାହିଁକି ଭାବୁଛ ମଶାଣିର ଶବ ଅଗ୍ନି ଶିଖା ଦେଖି ଡରି ଯିବ ବୋଲି । ମୃତ୍ୟୁର ଭୟ ଦେଖାଅନି ମୋତେ-ଭାଇ, ତୁମେ ଚାଲିଯାଅ । ଯୁବତୀର ସ୍ୱର କରୁଣ ହୋଇ ଆସିଲା । ଆଉ କହି ପାରିଲା ନାହିଁ । ହୃଦୟର ସମସ୍ତ କୋହ ଗଳା ରୁଦ୍ଧ କରିଦେଲା । ଫେରେ ଯୁବତୀଟି କହି ଚାଲିଲା, ଭଉଣୀକୁ ତୁମେ ଭୁଲିଯାଅ, ମୋତେ ବି ଭୁଲି ଯାଅ ।"

ପେଟରେ ଶିଶୁଟି କାନ୍ଦି ଉଠିଲା କୁ···ଆଁ···କୁ···ଆଁ··· ଥଣ୍ଡା ପବନ ଲାଗି ସଦ୍ୟଜାତ ଶିଶୁଟି ଅତି ଜୋରରେ ରାହା ଧରି କାନ୍ଦୁଛି ।

ଯୁବତୀଟି ଆଉ ସହ୍ୟ କରି ପାରିଲା ନାହିଁ ଶିଶୁଟିକୁ ତଳୁ ଉଠାଇ ନିଜ ଛାତିରେ ଭିଡ଼ି ରଖିଲା । ରକ୍ତ ଦେଇ ଜନ୍ମ କରିଛି, ସ୍ନେହ ମମତା ତୁଠାଇ ପାରୁନି ।

ଯୁବତୀଟିକୁ ସାନ୍ତ୍ୱନା ଦେଇ କହିଲା "ବାବୁ । ତୋର ସେହି ଅତୀତ ଜୀବନକୁ ଭୁଲି ଯା । ଅତୀତ ତୋର ଘୃଣ୍ୟ ହୋଇ-ପାରେ । କିନ୍ତୁ ତାକୁ ଭାବି ବସିଲେ ଚଳିବ ? ମନୁଷ୍ୟକୁ ଅନେକ କଥା ଚେଷ୍ଟା କରି ପାଶୋରିବାକୁ ପଡ଼େ ।"

କିଛି ସମୟ ରହି ପୁଣିରେ କହି ଚାଲିଲା । "ତୋର ଭାଇର ଅନୁରୋଧ କିଣି ରକ୍ଷା କରିବୁନି ! ଏହି 'ଶୁଣ' ତୋ ଆଗରେ ଶପଥ ନେଉଛି । ଦିନେ ନା ଦିନେ ନିଶ୍ଚୟ ସେହି ପ୍ରତାରକର ପ୍ରାଣ ନେବି, ଯେ କି ତୋର ଆଜି ସତୀତ୍ୱ ନେଇଛି । ସର୍ବସ୍ୱ ଲୁଣ୍ଠନ କରି ନେଇ ତୋତେ ଆଜି ଦୁନିଆ ଆଗରେ ବ୍ୟଭିଚାରିଣୀ ବୋଲି ପରିଚୟ ଦେଇଛି । ସେ ସମାଜ ଆଗରେ ଦେଶ ସେବକ ହୋଇ ପାରେ, କର୍ମୀ ହୋଇପାରେ, କିନ୍ତୁ ମୋର ଆଖିରେ ସେ ପାପୀ ପ୍ରତାରକ । ନିଶ୍ଚୟ ତାର ପ୍ରତିଶୋଧ ନେବି । କିନ୍ତୁ ବାବୁ ତୋତେ ଏହି ଶିଶୁଟିକୁ ବଞ୍ଚାଇ ରଖିବାକୁ ପଡ଼ିବ । ବଡ଼ କରି ମଣିଷ କରିବାକୁ ହେବ । ଭଗବାନଙ୍କ ଆଖିରେ ଏହି ଅବୋଧ ଶିଶୁଟି ଘୃଣ୍ୟ ନୁହେଁ । ଭଗବାନ କିଣି ତାକୁ ଏଇଥି ପାଇଁ ତୋ ପେଟରେ ଜନ୍ମ ଦେଲେ । ତା ମା ତାକୁ ଜୀଅନ୍ତା ମାଟିରେ ପୋତିବ ବୋଲି ।"

'ଭ୍ରୀ......ଇ'  ଯୁବତୀଟି ଆଉ ସହ୍ୟ କରି ପାରିଲା ନାହିଁ। କହିଲା, ଗୁଲିଲା -ଏହି ଶିଶୁଟି ଯେତେବେଳେ ବଡ଼ ହେବ, ବୁଦ୍ଧି ଆସିବ ସେତେବେଳେ କଣ କହିବ ? ମା ମୋର ବ୍ୟଭିଚାରିଣୀ ? ମୁଁ ଅବୈଧ ସନ୍ତାନ। ସେତେବେଳେ ମୁଁ ମୋର ପୁଅ ପାଟିରୁ ଶୁଣିବି ବ୍ୟଭିଚାରିଣୀ ବୋଲି। ନା ମୁଁ ଯାକୁ ବଞ୍ଚେଇରଖି ପାରିବିନି''

ଯୁବତୀଟିର ମନରେ ଫେରେ ଝଡ଼ ତୋଫାନ ବହିଗଲା। ହୃଦୟ ତାର ପାଷାଣ ଠାରୁ ଆହୁରି ଟାଣ ହୋଇଗଲା। ଶିଶୁଟିକୁ ମାଟିରେ ପକାଇ ଦେଇ କହିଲା। 'ହଁ ଏହି ମୋର ଅତୀତ ଜୀବନର ପାପର ନିଶାଣି। ଯାକୁ ଶେଷ କଲେ ମୁଁ ଅତୀତକୁ ଭୁଲି ଯାଇ ପାରିବି......''

"ପାପର ନିଶାଣି ନୁହେଁ ବି-ନ୍ଦୁ  ପ୍ରେମର ନିଶାଣି......

"ପ୍ରେମ'' ! ଦୁନିଆ ଜାଣେ ପ୍ରେମ କଣ ?

ଏ ମୂର୍ଖ ସମାଜରେ ପ୍ରେମର ପରିଣାମ କେବଳ ଏହି — କହି ଯୁବତୀଟି ଜୋରରେ ଚିପି ଧରିଲା ଶିଶୁଟିର ମୁହଁଟିକୁ। ନିଶ୍ୱାସ ରୁଦ୍ଧ ହୋଇ ଶିଶୁଟି ଗୋଡ଼ ହାତ ଛଟ ଛଟ କଲା।

ଯୁବକଟି ଧୈର୍ଯ୍ୟ ଚ୍ୟୁତ ହୋଇ ଅତି କର୍କଶ ସ୍ୱରରେ କହିଲା- ବି...ନ୍ଦୁ ତାକୁ ଛାଡ଼" । ଜୋରରେ ଯୁବତୀର ହାତରୁ ଶିଶୁଟିକୁ ଛଡ଼ାଇ ନେବାକୁ ଚେଷ୍ଟା କଲା।

"ନାଁ ମରିବା ପରେ ଯାକୁ ଛାଡ଼ିବିନି'। ଯାକୁ ଆଜି ଶେଷ କରିବି। ଏହି ମୋର ଜୀବନର କଳଙ୍କ ... "

ଅଟକି ରହିଗଲା ଯୁବତୀର ପ୍ରଳାପ। ସଙ୍ଗେ ସଙ୍ଗେ ଦୁମ୍ କିନ ଗୋଟାଏ ଶବ୍ଦ ଶୁଣାଗଲା ଏବଂ ଚଡ଼ ଚଡ଼ା ଆର୍ତ୍ତନାଦ "ଭ୍ରୀ . . . ଇ"

ଗୁହାଅନ୍ଧାରେ ଫେରେ ଶୁନ୍ ଶାନ୍ । ଯୁବକଟି ଶିଶୁଟିକୁ ସ୍କନ୍ଧରେ ଭିଡ଼ିଧରି ଅତି ଦ୍ରୁତ ପଦରେ ଚାଲିଗଲା । ସେହି ପାହାଡ଼ ଦେଇ ଅତି ଜୋରରେ ପବନ ବହୁଛି । ଅନବରତ ବର୍ଷା ଚାଲିଛି । ଧାର ଧାର ପାଣି ହିଡ଼ କାଟି ଜମିରୁ ଜମିକୁ କୁଳୁ କୁଳୁ ହୋଇ ବହି ଯାଉଛି । ସୁଦୂର ଆକାଶରେ କୃଷ୍ଣ ମେଘ ଜମାଟ ବାନ୍ଧି ରହିଛି । ବିଜୁଳିର ଚମକ—ସଙ୍ଗେ ସଙ୍ଗେ ଘଡ଼ ଘଡ଼ିର ଦାରୁଣ ଆବାଜ । ଚଡ଼କର ଚଡ଼ ଚଡ଼ ଶବ୍ଦ ମୁଖରିତ କରି ଦେଉଛି ଏହି ଧରଣୀ ବକ୍ଷକୁ ।

ଶିଶୁଟିର କ୍ରନ୍ଦନ ଆଉ ଶୁଣାଗଲା ନାହିଁ । ଶିଶୁ ସେ—ଦୁର୍ବଳ ଶକ୍ତିହୀନ । ଏତେବଡ଼ ଦୁନିଆରେ ସ୍ଥାନ ତା'ର ଅତି ନଗଣ୍ୟ ।

## ଦୁଇ

ଗଞ୍ଜାମ ପୋଲିସ୍ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ୍ ସୋମନାଥ ମିଶ୍ରଙ୍କ ଘରେ ଆଜି କୋଲାହଳ । ଲୋକେ ସବୁ ବ୍ୟସ୍ତ ରହିଛନ୍ତି । ଡାକ୍ତର ନର୍ସ ଯିବା ଆସିବା କରୁଛନ୍ତି ।

ରାତି ସାଢ଼େ ଆଠ । ବିଦ୍ୟୁତ ଆଲୋକରେ ସୋମନାଥବାବୁଙ୍କ ଘରଟି ବେଶ୍ ଜୀବନ୍ତ ଦେଖାଯାଉଛି । କିନ୍ତୁ ଆଜି ରେଡିଓର ମଧୁର ମୂର୍ଚ୍ଛନା ଘର ଭିତରେ ଆନନ୍ଦର ଲହରୀ ସୃଷ୍ଟି କରୁନି । କିପରି ଗୋଟାଏ ଗାମ୍ଭୀର୍ଯ୍ୟର ଛାୟା ଘରଟିକୁ ଆବୃତ କରି ରଖିଛି ।

ସୋମନାଥଙ୍କ ମୁହଁରେ ହସ ନାହିଁ, ଚୁପ୍ ଚାପ୍ ବସିଛନ୍ତି ବୈଠକ ଖାନାରେ । କିଛି ଗୋଟାଏ ଗୁରୁତର ଚିନ୍ତା ଯେପରି କି ତାଙ୍କ ମନଟିକୁ ଆଜି ଆଚ୍ଛାଦିତ କରି ରଖିଛି ।

ଲେଡି ଡାକ୍ତର ମିସ୍ ସେନ୍ ଆସି ବସି ପଡ଼ିଲେ ପୋଲିସ୍ ସାହେବଙ୍କ ପାଖ ଚୌକିରେ । ସୋମନାଥବାବୁ ଉଦ୍‌ବିଗ୍ନ ହୋଇ "ପଚାରିଲେ ଦେଖିଲେ ?"

ମିସ୍ ସେନ୍ ହସି ହସି କହିଲେ ଚିନ୍ତା କରିବାର କିଛି ଆବଶ୍ୟକ ନାହିଁ । ମିସେସ୍ ମିଶ୍ରଙ୍କର ଦେହ ବେଶ୍ ସୁସ୍ଥ ଅଛି । ଆଉ ପ୍ରାୟ ଦୁଇଘଣ୍ଟା ପରେ ପ୍ରସବ ହୋଇଯିବ । ହଁ ମିଠେଇ ଠିକ୍ କରି ରଖିଥାନ୍ତୁ, ଝିଅ ଟିଏ ଆସିବ ।

"ହଁ ଆପଣଙ୍କଠୁ ଟିକିଏ ଆଶ୍ୱାସନା ପାଇଲି । ବାସ୍ତବିକ ତାଙ୍କର ଅବସ୍ଥା ଦେଖି ମୁଁ ଚିନ୍ତିତ ହୋଇ ପଡ଼ିଥିଲି । ଆପଣତ ଜାଣନ୍ତି ତାଙ୍କର ଏହି ପ୍ରଥମ......"

ହଠାତ୍ ଗୋଟିଏ ନବଜାତ ଶିଶୁର କ୍ରନ୍ଦନ ସ୍ୱର— କୋଠରିଟିକୁ ମୁଖରିତ କରି ଦେଲା ।

ସୋମନାଥବାବୁ ଡର ଡର ହୋଇ କହିଲେ—"ଏ ଯାଆନ୍ତୁ ଯାଆନ୍ତୁ ଆପଣ କଣ କହୁଥିଲେ ଦଶଟା ସମୟକୁ ବୋଲି !

ମିଷ୍ ସେନ୍ ବ୍ୟସ୍ତ ହୋଇ ପଡ଼ିଲେ । ଗୁଳିକରି କରି କହି ବୋଲି ସନ୍ଦେହ ହୋଇ ଗଲାଣି ଆଜି କଣ ତାଙ୍କର ପରୀକ୍ଷା ଭୁଲ ହୋଇଛି । କିନ୍ତୁ କଣ ବା ଆଉ କହିବେ । ଅବିଶ୍ୱାସ କରିବାକୁ ଆଉ କିଛି ନାହିଁ । ତରବର ହୋଇ ଦୌଡ଼ିଗଲେ ମିସେସ୍ ମିଶ୍ରଙ୍କ ପାଖକୁ ଦେଖିଲେ ସେ ଶୋଇଛନ୍ତି, ନର୍ସ ଦୁଇଟି ବସିଛନ୍ତି ଦୁଇପାଖେ । ମିସ୍ ସେନ୍ ଆଶ୍ଚର୍ଯ୍ୟ ହୋଇ ଚାରିଆଡ଼େ ଚାହିଁଲେ । ତେବେ କାନ୍ଦଣା ସ୍ୱର କେଉଁଠୁ ଆସୁଛି । ସମସ୍ତେ ଆଶ୍ଚର୍ଯ୍ୟ ହୋଇ କାନ ଡେରି ଶୁଣିଲେ ।

କିଛି ସମୟ ପରେ ଜଣାଗଲା ଛାତ ଉପରେ ଶିଶୁଟିର କାନ୍ଦଣା ସ୍ୱର ଶୁଭୁଛି । ମିସ୍ ସେନ୍‌ଙ୍କର ଭୂତପ୍ରେତ ପ୍ରତି ବିଶ୍ୱାସ ନାହିଁ କିନ୍ତୁ ଆଜି ଏହି ଅନ୍ଧାର ରାତିରେ ଛାତ ଉପରେ କାନ୍ଦଣା ଶିଶୁଟିର କୁଆଁ କୁଆଁ ରଡ଼ି ଶୁଣି ଅଳ୍ପ ଡରିଗଲେ । ଛାତି ଭିତରେ କେମିତି ଗୋଟାଏ ସ୍ପନ୍ଦନ ଖେଳିଗଲା । ନିଜେ ଯିବାକୁ ସାହସ କରିପାରି-ଲେନି ।' । ଶେଷରେ ଚାକର ଚୁକରଗୁଡ଼ାକୁ ଉପରକୁ ଯିବାକୁ କହିଲେ ।

କିନ୍ତୁ ସମସ୍ତଙ୍କ ମନରେ ଡାହାଣୀ ଭୟ । କାଳେ ପିଲ ସେଇ ଥିବ । ତେଣୁ କେହି ଉପରକୁ ଯିବାକୁ ସାହାସ କଲେ ନାହିଁ ।

ଏହି କୋଳାହଳ ଶୁଣି ସୋମନାଥବାବୁ ଦୌଡ଼ି ଆସିଲେ ମଝି ଘରକୁ । ମିସ୍ ସେନ୍ ତରବର ହୋଇ କହିଲେ, "ଛାତଉପରେ ବୋଧହୁଏ ଶିଶୁଟିଏ କାନ୍ଦୁଛି ।"

"ଛାତ ଉପରେ !" ଆଶ୍ଚର୍ଯ୍ୟ ହୋଇ ସୋମନାଥବାବୁ ଚାହିଁ ରହିଲେ ମିସ୍ ସେନ୍‌ଙ୍କୁ ।

ଶିଶୁଟିର କାନ୍ଦଣା ଅଧିକ ବନ୍ଦ ହୋଇ ନ ଥାଏ । ସୋମ-ନାଥବାବୁ ବି କଅଁଳା ଶିଶୁଟିର କୁଆଁ କୁଆଁ ଶବ୍ଦ ଛାତ ଉପରୁ ଶୁଣି ଡରିଗଲେ ବୁଢ଼ୀମାର ଡାହାଣୀ ପିଲା ସେଇବା କଥା ମନେ ପଡ଼ିଗଲା ।

କଣ କରିବେ—ନୂଆଁ କରି ଆଇ. ପି. ଏସ୍ ପାଶ୍ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି । ମନରୁ ତ ଅଧିକ ବୁଢ଼ୀମାର ଭୂତ ଡାହାଣୀ କଥା ଯାଇନି । ଶେଷରେ ଅର୍ଡ଼ଲି ମାନଙ୍କୁ ଉପ-ରକୁ ଯିବାକୁ କହିଲେ, ସାହେବଙ୍କ ଆଦେଶ, ଶୀଘ୍ର ଶୀଘ୍ର ଦୁଇଜଣ ସିପେହି ଝର୍ଚ୍ଚ ଧରି ସିଡ଼ିରେ ଉପରକୁ ଉଠିଲେ ।

ଛାତ ଉପରେ କେବଳ ଗୋଟାଏ ମାତ୍ର କୋଠରୀ । ସିପେହି ଦୁଇଟି ଚାରିଆଡ଼େ ଝର୍ଚ୍ଚ ଆଲୋକ ମାରି ଚାହିଁଲେ । କିନ୍ତୁ କେଉଁଠି କିଛି ଦେଖି ପାରିଲେ ନାହିଁ । ସିପେହିଟିଏ ଧୀରେ ଧୀରେ କହିଲା "ଏମିତି କଣ ଡାହାଣୀ ବସିଥିବ । ପାଟି ଶୁଣୁ ଶୁଣୁ ତ କେଉଁଆଡେ ଉଭେଇ ଯିବ" !

ଶିଶୁଟି କାନ୍ଦି କାନ୍ଦି ବୋଧହୁଏ ଥକି ଯାଇ ତୁନି ହୋଇପଡ଼ିଛି ।

ସିପେହି ଦୁଇଟି ଅଧ୍ୟ ଅଧ୍ୟ ସୋମନାଥ ବାବୁଙ୍କ ଗୃହଁ କହିଲେ "ଉପରେତ କିଛି ନାହିଁ" ।

ପେରେ ଶିଶୁଟି କାନ୍ଦଣା ଆରମ୍ଭ କଲା "କ୍ଷୁଆଁ କ୍ଷୁ……ଆଁ ସିପେହି ଦୁଇଟି ଡ଼ରିଗଲେ । ସୋମନାଥବାବୁ ପେରେ ପଚାରିଲେ "ଭଲ ଭାବେ ଦେଖିଲ ନାଁ" ?

"ଆଜ୍ଞା" ସିପେହି ଦୁଇଟା ଡ଼ର ଡର ଉତ୍ତର ଦେଲେ ।

"ତେବେ ଆଉ କେଉଁଠି କାନ୍ଦୁଛି" ?

"ଉପରେ ତ କିଛି ଦେଖି ପାରିଲୁ ନାହିଁ । ବୋଧହୁଏ ଆଉ କେଉଁଠି କାନ୍ଦୁଛି" । "ଅଚ୍ଛା ଆମର ସେପଟ ଘର ଛାତ ଦେଖିଲ ନାଁ" ?

ସେପଟ ଘର କଥା ଶୁଣି ସିପେହି ଦୁଇଟାଙ୍କ ଦେହରୁ ଝାଳ ବହିଗଲା । "ଆଜ୍ଞା ନାହିଁ—ସେ ଆଡ଼କୁ ଯାଇନୁ" ।

"ମୂର୍ଖ—ଯାଅ ଶୀଘ୍ର ଦେଖି ଆସ" । ପୋଲିସ ସାହେବଙ୍କ ଆଦେଶ, ବାଧ୍ୟ ସିପେହି ଦୁଇଟା ପ୍ରାଣ ବିକଳରେ ଉପରକୁ ଉଠିବାକୁ ଉଦ୍ୟତ ହେଲେ ।

କିନ୍ତୁ ସୋମନାଥବାବୁ ପଛରୁ ଡ଼ାକି କହିଲେ । "ଖାଲି ହାତରେ ଯିବା ନିରାପଦ ନୁହେଁ । ବନ୍ଧୁକ ସାଙ୍ଗରେ ନେଇ ଯାଅ" ।

ସିପେହି ଦୁଇଟା ବନ୍ଧୁକ ଧରି ଅସ୍ତେ ଅସ୍ତେ ହୁସିଆରରେ ଉପରକୁ ଉଠିଲେ । ଛାତ ଉପରକୁ ଯାଇ ଜୋରରେ ଆବାଜ୍ ଦେଲେ ସାବଧାନ ।

ଅସ୍ତେ ଅସ୍ତେ ପାଦ ଚିପି ଚିପି ବନ୍ଧୁକ ଲୁଆଁଇ ଚାଲିଲେ ଆଉପଟ ଘରର ନିକଟକୁ । ପଛରେ ଥିବା ସିପେହୁଟି ଧୀରେ ଧୀରେ କହିଲା ଜାଣିଲୁ ଭାଇ ସାହେବ ହେବ ସିନା କେବେ ଅର୍ଜଲି ହେବନି ।

ଚୁପ ରହ'' ଦ୍ୱିତୀୟ ସିପେହୁଟି ଜୋରରେ କହିଲା ।

ଠିକ୍ ସୋମନାଥବାବୁଙ୍କ ଘରକୁ ଲାଗି ଆଉ ଗୋଟିଏ ଘରର ଘର । ସେତେ ବଡ଼ ନୁହେଁ କି ସେତେ ଛୋଟ ନୁହେଁ । କିନ୍ତୁ ଆଧୁନିକ ଧରଣର । ସେଠି ଜଣେ ସାହେବ ରହୁଥିଲେ । କିନ୍ତୁ ଅଳ୍ପ କେତେ ଦିନ ହେଲା ଘର ବିକି କରି ଚାଲି ଯାଇଛନ୍ତି ଏବଂ ସେହି ଘରଟିକୁ କିଣିଛନ୍ତି ସୋମନାଥବାବୁ । ବର୍ତ୍ତମାନ ସେହି ଘରଟି ଶୁନ୍ୟ ପଡ଼ିଛି । ଲୋକେ କହନ୍ତି ସେହି ଘରେ ଭୂତ ଅଛି । ତେଣୁ ସୋମନାଥବାବୁଙ୍କ ମନରେ ବି ସେହି ଭୟ ଥାଏ ।

ସୋମନାଥବାବୁଙ୍କ ଏହି ଘର ଉପରୁ ସେହି ଘର ଉପରକୁ ଯିବା ଅତି ସହଜ । ମଝିରେ କେବଳ ଦେଢଫୁଟ ଉଚ୍ଚର ଗୋଟିଏ ପାଚେରୀ । ଅକ୍ଲେଶରେ ଜଣେ ଯାଇ ପାରିବ ସେହି ଘର ଉପରକୁ । ସେହି ଘରର ଗୋଟାଏ କଣରୁ ସିଡ଼ି ଯାଇଛି ସେହି ଘରର ମଝି ଅଗଣାକୁ ।

ସିପେହି ଦୁଇଟା ସେହି ଘରର ପାଚେରୀ ନିକଟକୁ ଯାଇ ଚାରି ଆଡ଼କୁ ଦୃଷ୍ଟି ପକାଇଲେ । ହଠାତ୍ ଗୋଟାଏ କୋଣେ ଦେଖିଲେ ଗୋଟାଏ କଅଁଳା ଶିଶୁ ଚିତ୍‌କନା ଉପରେ ହାତ ଗୋଡ ଘଷି ପଡ଼ିଛି । ସିପେହି ଦୁଇଟା ଫେରେ ଏକସ୍ୱରରେ ଆବାଜ ଦେଲେ "ସାବଧାନ'' ।

ସିପେହି ଦୁଇଟାର ଗୁଳି ଥରେ ଗଲାଣି । ଲୋମ ସବୁ ଠାକ୍ରର ଗଲାଣି କିନ୍ତୁ ଶିଶୁଟିର କ୍ରନ୍ଦନ ବନ୍ଦ ହେବାକୁ ନାହିଁ ତା'ର ଆଡ଼କୁ ବନ୍ଧୁକ ଲକ୍ଷ କରି ସିପେହି ଦୁଇଟା ଅଗେଇଲେ । ଚୁରିଆଡ଼କୁ ପ୍ରାଣ ଭୟରେ ଚୁହୁଁ ଥାନ୍ତି । କାଳେ ଡାହାଣୀ ଚୁଲି ଆସିବ । ନିକଟରେ ପହଞ୍ଚି ଫେରେ ଶିଶୁଟିକୁ ଭଲ ଭାବେ ଠେଇଁ ପକାଇ ଦେଖିଲେ । ଡାହାଣୀ ଛୁଆ ନୁହେଁ ମଣିଷ ଛୁଆ ।

ସୋମନାଥବାବୁ ବି ସିପେହି ଦୁହିଁଙ୍କ ପଛରେ ଧୀରେ ଧୀରେ ଯାଉଛନ୍ତି । କିନ୍ତୁ ସେମାନଙ୍କୁ ଏହା ଜଣା ନଥାଏ । ପ୍ରଥମ ସିପେହି ଶିଶୁଟିକୁ ଉଠେଇବାକୁ ଯାଉଛି । ସୋମନାଥବାବୁ କହିଲେ "କଣ ଦେଖିଲ" ?

ସିପେହି ଦୁଇଟା ହଠାତ୍ ବୁଲି ପଡ଼ି ପ୍ରାଣ ଭୟରେ ରଡ଼ ଛାଡ଼ିଲେ "ସାବଧାନ" । ସଙ୍ଗେ ସଙ୍ଗେ ଦୁଇଟା ବନ୍ଧୁକ ସୋମ-ନାଥବାବୁଙ୍କୁ ଲକ୍ଷ୍ୟ କରି ରହିଲା ।

ସୋମନାଥ ବାବୁ ତରବରରେ କହିଲେ "ଆରେ ଆରେ— ତୁମେ ମଣିଷ ନା ପଶୁ । ଆଖିକୁ ଦିଶୁ ନାହିଁ"।

ସୋମନାଥ ବାବୁଙ୍କ ସ୍ୱର ବାରି ପାରି ସିପେହି ଦୁଇଟା ଥରିବାରେ ଲାଗିଲେ । ଆଉ କ୍ଷଣେ ଡେରି କରିଥିଲେ ବୋଧହୁଏ ସୋମନାଥ ବାବୁ ଆଉ ଏ ପୁରରେ ନଥାନ୍ତେ । ଅଳ୍ପ ସାହସ ପାଇ କହିଲେ " ତୁମକୁ ସିପେହିରେ କିଏ ଭର୍ତ୍ତି କଲା ।ଗଧ ଆମର ପ୍ରାଣ ମଧ୍ୟ ତୁମେ ନେଇଯିବ ଦେଖା ଯାଉଛି । ଉଠାଅ ଶୀଘ୍ର । ଚୁହୁଁଛ କଣ"?

ଦ୍ୱିତୀୟ ସିପେହିଟି ଶିଶୁଟିକୁ ଧରିଆଗେ ଆଗେ ଚାଲିଲା । ପରେ ପଛରେ ଚାଲୁଥାନ୍ତି ଅନ୍ୟ ସିପେହିଟି ଏବଂ ସୋମନାଥ ବାବୁ । ତଳକୁ ଆସିବାପାଇଁ ସେମାନଙ୍କ ମନରୁ ଭୟ ଯାଇ ନଥାଏ । ତଳକୁ ଆସି ସିପେହିଟି ଶିଶୁଟିକୁ ଭୂଇଁରେ ଶୁଆଇ ଦେଲା । ଶିଶୁଟିକୁ ଦେଖି ମିସ୍ ସେନ୍‌ଙ୍କର ଛାତିରେ ପ୍ରାଣ ଆସିଲା । କିନ୍ତୁ ସମସ୍ତଙ୍କ ମୁହଁରେ କେବଳ ଗୋଟାଏ ପ୍ରଶ୍ନ "ଏ ଶିଶୁଟି ଏଠିକି କିପରି ଆସିଲା"।

ସେଇତ ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ଆମ ଛାତ ଉପରକୁ ଫେରେ ମଣିଷ ଛୁଆ ଆସିଲା କିପରି?

ସିପେହିଟି ଧୀରେ ଧୀରେ କହିଲା "ଆଜ୍ଞା ସେ ଘରେ ଭୂତ..."

"ଧେତ୍ ମୂର୍ଖ । ବୁଝିଲେ ନା ମିସ୍ ସେନ୍, ଉପରେ ଏମାନେ ଭଲ ମୋତେ ବନ୍ଧୁକ ଦେଖାଇ ଥିଲେ । ଏମାନେ ଫେରେ ଚୋର ଧରିବେ"।

ବରୁଆ ସିପେହି ଦୁଇଟି ମୁଣ୍ଡ ପୋତି ଠିଆ ହୋଇଥାନ୍ତି । ଶେଷରେ ମିସ୍ ସେନ୍ ହସି ହସି କହିଲେ ଯାହା ହେଉ ଆପଣଙ୍କର ତ ଝିଅଟିଏ ଆସିବ । ସଙ୍ଗେ ସଙ୍ଗେ ପୁଅଟିଏ ବି ପାଇଗଲେ । ସୋମନାଥ ବାବୁ ଅଳ୍ପ ହସି ବୈଠକ ଖାନା ଆଡ଼େ ଚାଲିଗଲେ । ମିସ୍ ସେନ୍ ଡାକିଲେ "ନର୍ସ ।"

"ଏସ୍ ମେଡେମ୍" ସଙ୍ଗେ ସଙ୍ଗେ ଗୋଟିଏ ନର୍ସ ଆସି ହାଜର ହୋଇ ଗଲା, ନର୍ସଟି ଆଡ଼େ ଚାହିଁ ମିସ୍ ସେନ୍ କହିଲେ, "ଏଇ ଛୁଆଟିକୁ ରଖ ।"

ନର୍ସ ଛୁଆଟିକୁ ଗୁହିଁ ଅଳ୍ପ ହସି ଧୀରେ କୋଳକୁ ଉଠାଇଲା । ହାତରେ ଜାକିଧରି ଗ୍ଲଲା; ମିସେସ୍ ମିଶ୍ର ଶୋଇଥିବା କେଠରୀକୁ । ଶିଶୁଟି ନର୍ସର ହାତ ଭିତରେ ବେଶ୍ ଆରାମରେ ଆଖି ବୁଜି ଶୋଇ ଯାଇଛୁ ।

ଠିକ୍ ସେହି ରାତି ସାଢ଼େ ନ,ଟାରେ ଆଉ ଗୋଟାଏ କଅଁଳା ଶିଶୁର କ୍ରନ୍ଦନ ଧ୍ୱନୀ ଘରଟିକୁ ମୁଖରିତ କରିଦେଲା । ଗୋଟାଏ ନର୍ସ ଦୌଡ଼ିଆସି ସୋମନାଥବାବୁଙ୍କୁ ହସି ହସି ଜଣାଇ ଦେଲା,, "ଝିଅଟିଏ ହୋଇଛୁ ।"

ପ୍ରତ୍ୟୁତ୍ତରରେ ସୋମନାଥବାବୁ ଅଳ୍ପ ହସି ଥିଲେ । ଆଜି ତାଙ୍କର ମନରେ ଭାରି ଆନନ୍ଦ । ଏକ ସମୟରେ ଭଗବାନଙ୍କର ଦୁଇଟି ଦାନ ଫୁଲ, ହୁଏ ତ ଗୋଟିଏ ପୁଅ, ଅନ୍ୟଟି ଝିଅ ।

ତାପର ଦିନ ସୋମନାଥବାବୁ ଅଫିସିରେ ବସିଛନ୍ତି । ଆଜି ଗୁରିଆଡ଼େ ଭାରି ଚହଲ । ଗତ ମାସରେ ଜେଲରୁ ଖସି ପଳାଇ ଥିବା ଗୋଟାଏ ପୁରୁଣା ଦାଗୀ କାଲି ରାତିରେ ଡେପୁଟି ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ ସୋମନାଥବାବୁଙ୍କ ଘରେ ଚୋରିକରି ଛାତ ଉପରୁ ଡେଇଁ ଗୁଲି ଯାଉଥିବା ବେଳେ ଧରା ପଡ଼ିଛୁ ।

ସୋମନାଥବାବୁ ଏହା ଶୁଣି ଅବାକ୍ ହୋଇଗଲେ । ତେବେ କାଲି ରାତିରେ ତାଙ୍କୁ କାହିଁକି ଏହି ଖବର ଦିଆ ନ ଗଲା ?

ହଠାତ୍ ପୋଲିସ୍ ସୁପରିଂଟେଣ୍ଡେଣ୍ଟ ମିଷ୍ଟର ଦାଶ ପଶି ଆସିଲେ ସୋମନାଥ ବାବୁଙ୍କ ଅଫିସ ଭିତରକୁ । ସୋମନାଥ ବାବୁ ସାଲ୍ୟୁଟ୍ ଦେଇ ଠିଆ ହୋଇଗଲେ । ମିଷ୍ଟର ଦାସ ଗୋଟାଏ ଚଉକିରେ ବସି ପଡ଼ି ସୋମନାଥ ବାବୁଙ୍କୁ ବସିବାପାଇଁ କହିଲେ ।

ମିଷ୍ଟର ଦାଶ ପଚାରିଲେ, "କାଲି ରାତର ଘଟଣା ଶୁଣିଲେ ତ ?"

"ହଁ ଅଫିସ୍‌ରେ ଆସି ଶୁଣିଲି । କିନ୍ତୁ କାଲି କାହିଁକି ମୋତେ ଜଣାଇଲେନି ?"

"ଆପଣତ ବ୍ୟସ୍ତ ଥିଲେ । ତେଣୁ ଜଣାଇବା ଆବଶ୍ୟକ ମନେ କରିନି । ହଁ ବର୍ତ୍ତମାନ ସେହି ସର୍ଦ୍ଦାରକୁ ଜେଲରେ ରଖା ଯାଇଛି ।

"ତା'ର ନାମ ସର୍ଦ୍ଦାର ନା ଡାକୁ...."

ନାହିଁ ନାହିଁ, ତାର ନାଁ ସର୍ଦ୍ଦାର—, ଅଚ୍ଛା ଆପଣଙ୍କ ଘରକୁ ଚୋରି କରିବାକୁ ଯାଇଥିଲା । କିନ୍ତୁ ଶୂନ୍ୟ ହସ୍ତରେ ଫେରିବାର ଉଦ୍ଦେଶ୍ୟ ?"
ମିଷ୍ଟର ଦାଶ ଉତ୍ତର ପାଇବା ଆଶାରେ ସୋମନାଥବାବୁଙ୍କୁ ଚାହିଁ ରହିଲେ ।

ସୋମନାଥବାବୁ ଅଳ୍ପ ଚିନ୍ତାକରି କହିଲେ, "ବୋଧହୁଏ ଚୋରି କରିବା ପାଇଁ ସୁବିଧା ପାଇଲାନି ।"

"ନା, ନା—ସର୍ଦ୍ଦାର ଫେରେ ସୁବିଧା ପାଇଲାନି ତାହା କେବେ ନୁହେଁ । ନିଶ୍ଚୟ ତାର ଅନ୍ୟ କିଛି ମତଲବ ଥିଲା । ହଁ ମୁଁ କଣ ଶୁଣୁଥିଲି ଆପଣ ଗୋଟାଏ ଶିଶୁକୁ ଆପଣଙ୍କ ଘାଟ ଉପରୁ ପାଇଛନ୍ତି ।

ଗତ ରାତିରେ ଘଟିଥିବା ସମସ୍ତ ଘଟଣା ଗୋଟି ଗୋଟି କରି ସୋମନାଥବାବୁ ମିଷ୍ଟର ଦାଶଙ୍କୁ କହିଗଲେ । କିଛି ସମୟ ଚିନ୍ତା କଲା ପରେ ମିଷ୍ଟର ଦାଶ କହିଲେ; "ବୋଧ ହୁଏ ଏହି ଛୁଆଟିକୁ

ଆପଣଙ୍କ ଘରର ଉପରେ ରଖି ଦେବା ପାଇଁ ସର୍ଦ୍ଦାର ଯାଇଥିଲା । କିନ୍ତୁ ଏହି ଛୁଆଟି କାହାର ?”

ସୋମନାଥବାବୁ କିଛି ଉତ୍ତର ଦେଇ ପାରିଲେ ନାହିଁ, ମିଷ୍ଟର ଦାଶ ସିଗାରେଟ ଖଣ୍ଡିଏ ଲଗାଇ ଲଗାଇ କହିଲେ, “ଆଜି ଗୋଟିଏ ଘଟଣା ଜାଣିଛନ୍ତି ?

ସୋମନାଥବାବୁ ଉଦ୍‌ବିଗ୍ନ ହୋଇ ଚାହିଁ ରହିଥାନ୍ତି ଘଟଣାଟା ଜାଣିବା ପାଇଁ । ମିଷ୍ଟର ଦାଶ ସିଗାରେଟ୍‌ରେ ନିଆଁ ଧରାଇ ସାରିବା ପରେ ଆରମ୍ଭ କଲେ କଣେ ସ୍ତ୍ରୀ ଛନପୁରର ଚାରି ମାଇଲ ଦୂର ମୁକୁନ୍ଦପୁର ପାହାଡ଼ ନିକଟରେ ଆତ୍ମହତ୍ୟା କରିଛି । ଡାକ୍ତର ମାଇନା ପାଇଁ ପଠାଯାଇଥିଲା ଡାକ୍ତର ରିପୋର୍ଟରେ ଲେଖିଛନ୍ତି ଯେ ଶିଶୁଟିଏ ପ୍ରସବ କରିବା ପରେ ନାରୀଟିର ମୃତ୍ୟୁ ହୋଇଛି ।

“ପାହାଡ଼ “ନିକଟରେ···ବୋଧ ହୁଏ···”

ସୋମନାଥବାବୁଙ୍କ କଥା ଅଧା ରହିଛି, ମିଷ୍ଟର ଦାଶ କହିଲେ ନାହିଁ ପ୍ରସବ ଦ୍ୱାରା ମୃତ୍ୟୁ ହୋଇ ନାହିଁ । ଡାକ୍ତର ରିପୋର୍ଟରେ ଲେଖିଛନ୍ତି ଯେ କିଏ ପିଟି ମାରି ଦେଇଛି ।

ସୋମନାଥବାବୁ ଅବାକ୍ ହୋଇ ସବୁ ଶୁଣୁଥାନ୍ତି । ଏତେ ଗୁଡ଼ାଏ ଘଟଣା ଘଟିଯାଇଛି ତଥାପି ତାଙ୍କୁ କିଛି ଜଣା ନାହିଁ ।

ମିଷ୍ଟର ଦାଶ କହିଲେ “କାଲି ରାତିର ଘଟଣା ସହିତ ସେହି ଆତ୍ମହତ୍ୟାର କିଛି ସମ୍ପର୍କ ରହିଛି ।”

ସୋମନାଥବାବୁ ଅଳ୍ପ ଭାବିବା ପରେ କହିଲେ ବୋଧହୁଏ ଏହି ଶିଶୁଟି ସର୍ଦ୍ଦାର ପୁଅ······

"ନା—ତାହା ଅସମ୍ଭବ । ସର୍ଦ୍ଦାର ଅବିବାହିତ ! ଫେରେ ଯଦି ତାର ସନ୍ତାନ ତେବେ ସେହି ସ୍ତ୍ରୀଙ୍କୁ ହତ୍ୟା କରିବାର କାରଣ କଣ ହୋଇ ପାରେ ?"

"କାଳେ ଅପବାଦ ହେବ, ଏହି ଭୟରେ ।"

"ସର୍ଦ୍ଦାର ଭୟ କରିବା ଜନ୍ତୁ ନୁହେଁ । କିନ୍ତୁ ସେହି ସ୍ତ୍ରୀଟି ଗୋଟାଏ ଭିକାରୁଣୀ ।" ଏସବୁ ଶୁଣି ସୋମନାଥବାବୁ କିଛି ନିଷ୍ପତ୍ତି କରି ପାରିଲେ ନାହିଁ । ଏହି ଜଟିଳ ଧନ୍ଦା ଭିତରେ ତାଙ୍କର ଅପରି-ପକ୍ୱ ମସ୍ତିଷ୍କ ଭେଦ କରି ପାରିଲା ନାହିଁ ।

ମିଷ୍ଟର ଦାଶ ଚାଲି ଯିବାକୁ ଉଦ୍ୟତ ହୋଇ କହିଲେ— "ଆପଣଙ୍କୁ ଏହି କେଶଟାର ଅନୁସନ୍ଧାନ କରିବାକୁ ହେବ । ବୋଧ-ହୁଏ ଆପଣ ଏହି ସର୍ଦ୍ଦାର ବିଷୟରେ କିଛି ଜାଣି ନାହାନ୍ତି । ପୁରୁଣା ଫାଇଲ ବାହାର କଲେ ଆପଣ ସବୁ ଜାଣି ପାରିବେ ।" ମିଷ୍ଟର ଦାଶ ଚାଲିଗଲେ । ସୋମନାଥବାବୁ ପୁରୁଣା ଫାଇଲ ଲେଉଟାଇ ବାକୁ ଲାଗିଲେ ।

ସର୍ଦ୍ଦାରକୁ କୋର୍ଟରେ ହାଜର କରାଗଲା । ସର୍ଦ୍ଦାର ଯୁବକ । ବଳିଷ୍ଠ ଅଙ୍ଗ, ମୁଖରେ ବିଦ୍ରୋହୀର ଉତ୍ତେଜନା, ଆଖି ଯୋଡିକରୁ ଅଗ୍ନି ଶିଖା ଯେପରି ନିର୍ଗତ ହେଉଛି ।

ବିଚାର ପରେ ସର୍ଦ୍ଦାରକୁ ଦିଆଗଲା ପନ୍ଦର ବର୍ଷ କାରାଦଣ୍ଡ । ସର୍ଦ୍ଦାର ଅବିଚଳିତ ଭାବେ ସିପାହିମାନଙ୍କ ଭିତରେ ଚାଲିଲା ଜେଲ ଭେନ ନିକଟକୁ । ଅନ୍ୟାନ୍ୟ କଏଦୀ ମାନଙ୍କୁ ଧରି ଜେଲ ଭେନ ଛୁଟି ଚାଲିଲା କିଛି ସମୟ ପରେ ଜେଲ ଦିଗେ ।

## ତିନି

ମାନବ ଜୀବନର ପରିବର୍ତ୍ତନ ହିଁ କରିଥାଏ ଏ ଜଗତକୁ ପରିବର୍ତ୍ତନଶୀଳ । ଅବସ୍ଥା ଚକ୍ରରେ ପଡ଼ି ମାନବର ପ୍ରତ୍ୟେକ କର୍ମରେ ପରିବର୍ତ୍ତନ ଆସେ । ସୂର୍ଯ୍ୟ ଉଦୟ ହୁଏ । ସୂର୍ଯ୍ୟ ଅସ୍ତ ଯାଏ । ଫୁଲ ଫୁଟେ । କ୍ଷଣିକ ପାଇଁ ପରିବର୍ତ୍ତନ ଆଣି ଦିଏ ପ୍ରକୃତି ରାଜ୍ୟରେ । କିନ୍ତୁ ଫେର ମଉଳି ଯାଏ । ଏ ବି ଗୋଟାଏ ପରିବର୍ତ୍ତନ । କିନ୍ତୁ ଇତମତ ପରିବର୍ତ୍ତନ ଭିତରେ ମନୁଷ୍ୟ ଉପଲବ୍ଧି କରେ ଗୋଟାଏ ସ୍ଥାୟିତ୍ୱ ତାହାହିଁ ସଂସାରର ଅପରିବର୍ତ୍ତନୀୟ ଗତି ।

ଦିନ ପରେ ଦିନ, ମାସ, ବର୍ଷ ଗଡ଼ି ଚାଲିଛି । ଏହି ପରିବର୍ତ୍ତନ ଭିତରେ ସୋମନାଥ ବାବୁଙ୍କ ଜୀବନରେ ବି ବହୁତ କିଛି—ପରିବର୍ତ୍ତନ ହୋଇ ଯାଇଛି । ଦକ୍ଷତା ସହ କାର୍ଯ୍ୟ କରି ପୋଲିସ ଜଗତରେ ସେ ଆଜି ସୁପରିଚିତ । ଡେପୁଟି ପୋଲିସ ସୁପରିଂଟେଣ୍ଡେଣ୍ଟରୁ ସେ ଆଜି ହୋଇ ପାରିଛନ୍ତି ଜିଲ୍ଲା ପୋଲିସ ସୁପରିଂଟେଣ୍ଡେଣ୍ଟ । ଅନେକ ଜିଲ୍ଲା ବୁଲି ବୁଲି ସେ ଆଜି ଆସିଛନ୍ତି ଗଞ୍ଜାମ ଜିଲ୍ଲାକୁ । ଏହି ତ ଗଲା ଚାକିରିରେ ପରିବର୍ତ୍ତନ । ସଂସାରିକ ଜୀବନରେ ବି ତାଙ୍କର ଅନେକ ପରିବର୍ତ୍ତନ ଆସି ଯାଇଛି । ଟିଅଟିର ଜନ୍ମ ପରେ ତାଙ୍କ ସ୍ତ୍ରୀର ବିୟୋଗ ଘଟିଛି । ଯେଉଁଦିନ ରାତିରେ ଟିଅଟିର ଜନ୍ମ ସେହି ଦିନ ଯେଉଁ ପୁଅଟିକୁ ନେଇଥିଲେ ତାଙ୍କ ଛାତି ଉପରେ, ସେ ବି ଆଜି ଡାକ୍ତରି ପାଶ୍ କରି ଘରୋଇ ଡାକ୍ତର ଭାବେ କାର୍ଯ୍ୟ କରୁଛି । ଟିଅଟି ବି ଆଇ-ଏ ପାଶ୍ କରି ଘରେ ଅଛି । ଘରୋଇ ଭାବେ ବି.ଏ ପରୀକ୍ଷା ଦେବ ବୋଲି

ଠିକ୍ କରନ୍ତୁ । ପ୍ରଥମେ ସ୍ତ୍ରୀର ବିୟୋଗ ପରେ ସୋମନାଥବାବୁ ! ଆଉ ବିବାହ କରି ନାହାନ୍ତି । ଘରେ କେବଳ ଥାଏ ଗୋଟାଏ ବୁଢୀ ଧାଇ । ସେ ମିନତୀ ଏବଂ ପାଳିତ ପୁତ୍ର ଦେବବ୍ରତଙ୍କୁ ପିଲାରୁ ବଡ଼ କରିଛି । ଧାଇଟିର ସ୍ନେହ, ଆଦରରେ ସେମାନେ ମା'ଙ୍କୁ ବି ଭୁଲି ପାରିଛନ୍ତି ।

ଦେବବ୍ରତ ସୋମନାଥ ବାବୁଙ୍କ ନିଜ ପୁତ୍ର ନ ହେଲେ ମଧ୍ୟ ସମସ୍ତେ ଜାଣନ୍ତି ଦେବବ୍ରତ ସୋମନାଥ ବାବୁଙ୍କ ପୁତ୍ର । ବାସ୍ତବିକ କହିବାକୁ ଗଲେ ମିନତୀ କେବଳ ସୋମନାଥ ବାବୁଙ୍କର ଏକମାତ୍ର କନ୍ୟା । କିନ୍ତୁ ସୋମନାଥ ବାବୁଙ୍କର ଚକ୍ଷୁରେ ଦେବବ୍ରତ ଏବଂ ମିନତୀ ଉଭୟେ ସନ୍ତାନ । ସେ ମିନତୀକୁ ଯେପରି ଆଦର କରନ୍ତି ଦେବବ୍ରତଙ୍କୁ ବି ସେପରି ଆଦର କରନ୍ତି । ସୋମନାଥବାବୁ ସ୍ନେହରେ ଡାକନ୍ତି ମିନତୀକୁ ମୀନା ଏବଂ ଦେବବ୍ରତଙ୍କୁ ଟୁନା ।

ସୋମନାଥବାବୁ ଜିଲ୍ଲା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ବଙ୍ଗଳାରେ ନ ରହି ରହନ୍ତି ନିଜ ଘରେ । ଯେଉଁଠାରେ ମୀନାର ଜନ୍ମ ଯେଉଁ ଘରର ଛାତ ଉପରୁ ପାଇଥିଲେ ଟୁନାକୁ ଏବଂ ଯେଉଁଘରେ ତାଙ୍କ ସ୍ତ୍ରୀର ବିୟୋଗ ଘଟିଥିଲା । ଠିକ୍ ନିଜ ଘରକୁ ଲାଗି ଯେଉଁ ଘରଟିକୁ କିଣିଥିଲେ ସେଇଟି ଟୁନା ଖୋଲିଛି ତା'ର ଡାକ୍ତରଖାନା ଗାତ୍ରରେ ବି ସେ ସେଠାରେ ରହେ । ସୋମନାଥବାବୁ ପ୍ରଥମେ ପ୍ରଥମେ ରାଜି ହେଉ ନ ଥିଲେ କାରଣ ତାଙ୍କର ପୂର୍ବରୁ ଧାରଣା ଥିଲା ଯେ ସେ ଘରେ ଭୂତ ଅଛି । କିନ୍ତୁ ଟୁନା ନିଜର ଡାକ୍ତରୀ ବୁଦ୍ଧି ବଳରେ ବୁଝାଇ ଦେଲା ଯେ ଭୂତ ପ୍ରେତ ବୋଲି ସଂସାରରେ କିଛି ନାହିଁ । ସେ ସବୁ କେବଳ ମନୁଷ୍ୟର ମନଗଢ଼ା—,ମନର ଦୁର୍ବଳତା ।

ଝୁନା ରହେ ଡାକ୍ତରଖାନା ଘରେ । ମୀନାରହେ ନିଜ ଘରେ ସୋମନାଥ ବାବୁଙ୍କ ସହିତ । ମିନା ଭାରି ଚଗଲୀ । କିନ୍ତୁ ସଙ୍ଗେ ସଙ୍ଗେ ଏତେ ଗମ୍ଭୀର ହୋଇ ଯାଏ ଯେ କେହି ଦେଖିଲେ ମନେ କରିବେ ସେ ଗୋଟାଏ ଫିଲୋସଫର, ତା'ର ଚଞ୍ଚଳ ଗୃହାଣୀ ହସ ହସ କଥା ତର ତର ଗୁଲି ଦେଖିଲେ ମନେ ହୁଏ ଯେପରି ଗୋଟିଏ ସରଳମତୀ ବାଳିକା । କିନ୍ତୁ ସେ ବାଳିକା ନୁହେଁ ଯୁବତୀ । ଯୌବନର ଉଚ୍ଛୁଳା-ତରଙ୍ଗ ନୃତ୍ୟ କରୁଛି ଅଙ୍ଗ ପ୍ରତ୍ୟଙ୍ଗରେ । ଗୋଲ ମୁହଁ, ନାଲି ଟୁକୁ ଟୁକୁ ଅଧର ପୁରିଲା ପୁରିଲା ଉଷ୍ଣ ସୁଖ ମଣ୍ଡଳ ଦର୍ଶକ ପ୍ରାଣରେ କ୍ଷଣିକ ପାଇଁ ଉନ୍ମାଦନା ସୃଷ୍ଟି କରିଦିଏ । ସେ ଚାହେଁ ଚିର କୁମାରୀ ରହିବାକୁ । କେବଳ ଅଧ୍ୟୟନରେ ନିଜର ଜୀବନ ଉତ୍ସର୍ଗ କରି ଦେବାକୁ । ଅଧ୍ୟୟନରେ ସେ ଯେତେ ସୁଖ ପାଏ, ସେତେ ଆନନ୍ଦ ବି ଉପଲବ୍ଧି କରେ କୁକୁର ପାଳିବାରେ । ଘରେ ନାନା ପ୍ରକାର କୁକୁର ପୋଷି ରଖିଛି ସେ ସର୍ବଦା ବ୍ୟସ୍ତ ରହେ କୁକୁର ମାନଙ୍କ ସହିତ ନଚୁବା ନିଜର ଛୋଟ ଲାଇବ୍ରେରୀ ଭିତରେ ବହି ପଢ଼ିବାରେ କିନ୍ତୁ ଅଧିକାଂଶ ସମୟ କଟାଇ ଦିଏ ଝୁନା ସହିତ ଗପ ସପ କରି । ଫାଜିଲ୍ କରି ନଚୁଆ ଦୁଷ୍ଟାମି କରି ।

କିନ୍ତୁ ଝୁନା ସଦା ସର୍ବଦା ଭାବ ବିହ୍ୱଳ ଭାବନାର ସାଗର ଭିତରେ ସେ ସୁଖପାଏ ସନ୍ତରଣ କରିବାକୁ । ନିର୍ଜନ କୋଳରେ ସେ ସୁଖ ପାଏ ଆଶ୍ରୟ ନେବାକୁ । ନିଜର ଛୋଟ ଡାକ୍ତର ଖାନାଟି ଭିତରେ ସେ ସଦାସର୍ବଦା ବ୍ୟସ୍ତ ରହେ ରୋଗି ସେବା କରିବାରେ ।

କିନ୍ତୁ ସନ୍ଧ୍ୟା ହୋଇ ଯିବା ପରେ ସେ ହୋଇଯାଏ ଏକଲା । ବାଡ଼ିପଟେ ଘରଟିରେ ସେ ରହେ । ଖଟଟି ଉପରେ ପଡି କେତେ କଣ

ଭାବିଯାଏ । ଭାବନାର କୂଳ କିନାରା ନାହିଁ । କିନ୍ତୁ ହଠାତ୍ ଚାଲି ଆସେ ମୀନା । କେତେ ଅଡୁ ଗପ ସପ କରେ । ଷ୍ଟୋଭ୍ ଲଗାଇ ଚା କରିଦିଏ । ଶେଷରେ ଝୁନାକୁ ବିରକ୍ତ ହୋଇ ମୀନାକୁ ତଡ଼ିବାକୁ ପଡ଼େ । ନାହିଁ ନାହିଁ କରେ ଘରକୁ ଯିବାକୁ । କିନ୍ତୁ ଝୁନା ହାତ ଧରି ଟାଣି ବାହାର କରିଦିଏ ଘର ଭିତରୁ । ଅଭିମାନ କରି ଘରକୁ ଚାଲିଯାଏ ମୀନା । ମନେ ମନେ ଶପଥ ନିଏ ଆଜି କେବେ ଝୁନା ଭାଇ ପାଖକୁ ଯିବନି; । କିନ୍ତୁ ରାଗଟା ଯେତେବେଳେ ମନରୁ ଚାଲିଯାଏ ସେତେବେଳେ ଭାବେ' ଝୁନା ଭାଇ ସତେ କେତେ ଭଲ' । ଫେରି ତା ପରଦିନ ସ୍କୁଲରୁ ଚାଲିଆସେ ଝୁନା ପାଖକୁ ଝୁନା ଶୋଇଥାଏ ।

ମୀନା ଚୁପ୍‌ଚାପ୍ ବସେ ଝୁନାର ଟେବୁଲ ପାଖେ । ବହି ସଜାଡ଼ି ରଖିଦିଏ । ତା ପରେ ଧିରେ ଧିରେ ଯାଇ ଷ୍ଟୋଭ୍ ଲଗାଏ । ଷ୍ଟୋଭ୍ ଶବ୍ଦରେ ଝୁନାର ନିଦ ଭାଙ୍ଗେ । ଦେଖେ ମୀନା ଫେରି ଆସିଛି । ତାର କୋଠରୀ ଭିତରକୁ । କିଛି କହେ ନାହିଁ । ଚୁପ୍ ଚାପ୍ ଚା' ପିଇବାକୁ ପ୍ରସ୍ତୁତ ହୋଇଯାଏ । ଝୁନା ଯାଏ ସୋମନାଥ ବାବୁଙ୍କ ଘରକୁ । କେବଳ ଖାଇବା ସମୟରେ । ଝୁନା ଓ ମୀନା ଏଣୁ ତେଣୁ ଗପ ସପ କରି ଖାଆନ୍ତି । ମୀନା କହି ଯାଉଥାଏ ଝୁନା ଖାଲି ହଁ ହଁ ମାରୁଥାଏ । ସୋମନାଥ ବାବୁ ତ ସଦା ସର୍ବଦା ଅଫିସରେ ନତୁବା ଏଣେ ତେଣେ ଯାଇଥାନ୍ତି, କେଉଁ ଇନ୍‌କ୍ୱାରୀରେ । ଝୁନା ଖାଇ ଚାଲିଯାଏ । ମୀନାକୁ ଏକୁଟିଆଟା ଭଲ ଲାଗେ ନି' । ଇଚ୍ଛା ହୁଏ ଝୁନା ଭାଇ ପାଖକୁ ଯାଇ ଗପ କରିବ । କିନ୍ତୁ ଭୟ ହୁଏ କାଳେ ଗାଳି ଦେବେ । ଚୁପ୍ ଚାପ୍ ଯାଇ ବସେ ବୁଢ଼ୀ ଧାଈ ପାଖେ । କିନ୍ତୁ ବୁଢ଼ୀ ଆଖିକୁ ନିଦ । ଗପ ଆରମ୍ଭ କରେ । କଲେଜ କଥା —ପିଲା ଦିନର କଥା— ଝୁନା ଭାଇ କଥା । ସେ ବା କେତେ

ଗପ ଶୁଣିବ । ଜୀବନରେ ତ ଗପ ଶୁଣି ଶୁଣି ବୁଢ଼ୀ ହୋଇଗଲାଣି । ଅଜା ସିନା ମୀନା ଯୁବତୀ । ଅସରନ୍ତି ଗପ ଗୁମ୍ଫରି ଉଠୁଛି ଛାତି ଭିତରୁ ।

ବୁଢ଼ୀଧାଇ ଶୋଇ ପଡ଼ିଲେ ମୀନା ଦୁଇ ତିନିଥର ହୁଙ୍କି ଉଠାଏ । କିନ୍ତୁ ଶେଷରେ ବୁଢ଼ୀ ଶୁଣେ ନି' । "ବୁଢ଼ୀ ଖାଲି ଖାଇ ଶୋଉଛି' କହି ରାଗି ଚାଲିଯାଏ ତାର କୋଠରୀ ଭିତରକୁ । ଦଶ ପନ୍ଦରଟା କୁକୁର ପଛରେ ଦୌଡ଼ନ୍ତି । ମୀନା ବହି ଲେଉଟାଏ । କୁକୁର ସବୁ ଚାହିଁ ରହନ୍ତି ମୀନାକୁ । ଅଜ୍ ପଢ଼ିବାକୁ ଇଚ୍ଛା ହୁଏନି' । ମୀନା କୁକୁରମାନଙ୍କୁ ଧରି ଖଟରେ ଶୋଇ ଗପକରେ, ଲିଲି ତୋ ମୁହଁଟା ଶୁଖି ଯାଇଛି । ବେବି ତୁ ତାକୁ କାମୁଡ଼ିଲୁ । କୁକୁରଗୁଡ଼ାକ ବି ଗପ ଶୁଣୁ ଶୁଣୁ ଶୋଇଯାନ୍ତି । ବିରକ୍ତ ହୋଇ ମୀନାବି ଶେଷରେ ଶୋଇଯାଏ । ତା' ମନ ଖୋଜୁଥିଲା ଗୋଟାଏ ସାଥି ଯେକି ସବୁଦିନେ ତା' ପାଖେ ପାଖେ ରହି ଗପ ଶୁଣିବ ।

## ଗୁରୁ

ମୁକୁନ୍ଦପୁର ସେବାଶ୍ରମରେ ବସିଛନ୍ତି ନିଷ୍ଠାପର ଦେଶ ସେବକ ବିଦ୍ୟାଧର ବାବୁ । ବୟସ ପ୍ରାୟ ପଚାଶେ ହେବ । ମୁହଁର ପାଚିଲା ଦାଢ଼ୀ, ଛାତି ପର୍ଯ୍ୟନ୍ତ ଲମ୍ବି ଯାଇଛି । ଦେହରେ ଖଦଡ଼ ପୋଷାକ । ମୁଣ୍ଡରେ ଖଦଡ଼ ଟୋପି ଶାନ୍ତ ସୌମ୍ୟ ମୂର୍ତ୍ତି ଦେଖିଲେ ଦର୍ଶକ ପ୍ରାଣରେ ଭକ୍ତି ଭାବ ସ୍ୱତଃ ଜାଗ୍ରତ ହୁଏ ।

ସମୟ ପ୍ରାୟ ରାତି ଆଠଟା ହେବ । ଆଶ୍ରମ ଭିତରେ ମିଟି ମିଟି ହୋଇ ଜଳୁଛି ମାଟିର ଦୀପଟିଏ । ବିଦ୍ୟାଧରବାବୁଙ୍କ ଚାରିପଟେ ଘେରି ବସିଛନ୍ତି କର୍ମୀମାନେ । ନାରୀ କର୍ମୀମାନେ ବି ଆଖି ବୁଜି ଭକ୍ତି ଭାବାବେଶରେ ବିହ୍ୱଳ ହୋଇ ବସିଛନ୍ତି । ପ୍ରାର୍ଥନା ପରେ ବିଦ୍ୟାଧରବାବୁ ଗୁରୁ ଗମ୍ଭୀର ସ୍ୱରରେ ସମସ୍ତ କର୍ମୀମାନଙ୍କୁ ବୁଝାଇ ଦେଲେ ଦେଶର ବର୍ତ୍ତମାନ ଅବସ୍ଥା ଓ କର୍ମୀମାନଙ୍କ କର୍ତ୍ତବ୍ୟ ।

ସମସ୍ତ କର୍ମୀ ଆବେଗପୂର୍ଣ୍ଣ ନୟନରେ ଚାହିଁ ରହିଥାନ୍ତି ବିଦ୍ୟାଧରବାବୁଙ୍କ ମୁଖକୁ । ଯେତେବେଳେ ବିଦ୍ୟାଧରବାବୁ କରୁଣ ଭାବେ ବର୍ଣ୍ଣନା କରି ନେଲେ ଦେଶର ବର୍ତ୍ତମାନ ଅବସ୍ଥା, ସେତେବେଳେ ସମସ୍ତଙ୍କ ଆଖି ଛଳ ଛଳ ହୋଇଗଲା । ଶେଷରେ ସେ ନାରୀ କର୍ମୀମାନଙ୍କୁ ଉଦ୍ଦେଶ୍ୟ କରି କହିଲେ "ଯେ ନାରୀମାନେହିଁ କେବଳ ଚେଷ୍ଟା କରି ପୁରୁଷମାନଙ୍କୁ ସତ୍‌ରାସ୍ତାକୁ ଆଣି ପାରିବେ । ସେମାନେ ଦେଶ ପ୍ରେମରେ ଦୀକ୍ଷିତ ହୋଇ ପର୍ଦ୍ଦା ଉହାଡ଼ରୁ

ବାହାରର ମୁକ୍ତ ବାୟୁ ଓ ଆଲୋକକୁ ଆସିବା ଆବଶ୍ୟକ । ତା'ପରେ ସେ ପୂର୍ବକାଳର କେତେ ନାରୀଙ୍କ ଉଦାହରଣ ଦେଇ ବୁଝାଇ ଦେଲେ ବର୍ତ୍ତମାନ ସମାଜରେ ନାରୀମାନଙ୍କ ସ୍ଥାନ । ବାସ୍ତବିକ ଭାରତୀୟ ନାରୀମାନଙ୍କ ଅବସ୍ଥା ବିଦ୍ୟାଧରବାବୁଙ୍କ ଠାରୁ ଶୁଣି ସମସ୍ତଙ୍କ ନୟନରୁ ଅଶ୍ରୁ ପ୍ଲାବିତ ହୋଇଗଲା । ନାରୀ କର୍ମୀମାନେ ମୁଖାବନତ କରି ଶୁଣି ଯାଉଥାନ୍ତି ସେମାନଙ୍କ ଦୁରବସ୍ଥା ଓ ଦେଶ ପ୍ରତି କର୍ତ୍ତବ୍ୟ ।

ହଠାତ୍ ଜଣେ ବୟସ୍କ ଲୋକ ପଶି ଆସିଲେ ଘର ଭିତରକୁ ବିଦ୍ୟାଧରବାବୁ ହସି ହସି କହିଲେ "ଆସନ୍ତୁ ରାମନାରାୟଣବାବୁ— ବସନ୍ତୁ" । କହି ଆସନ ଦେଖାଇ ଦେଲେ । ରାମନାରାୟଣ ବାବୁ ସମସ୍ତଙ୍କୁ ନମସ୍କାର କରି ଆସନାରେ ବସିଗଲେ । ରାମନାରାୟଣବାବୁ ପ୍ରଶ୍ନକଲେ "ଆପଣଙ୍କ ଆଶ୍ରମର ସମସ୍ତ କୁଶଳ ତ ?"

ହଁ ଆମଣଙ୍କ କୃପାରୁ ସମସ୍ତେ ବେଶ୍ ସୁଖରେ ଅଛନ୍ତି । ଆଶ୍ରମ କାର୍ଯ୍ୟ ବି ବେଶ୍ ସୁରୁଖୁରୁରେ ଚାଲିଛି । ବାସ୍ତବିକ୍ ମୁଁ ଯେଉଁ କର୍ମୀମାନଙ୍କୁ ପାଇଛି ସମସ୍ତେ ଉପଯୁକ୍ତ ଦେଶ ସେବକ । ବିଶେଷତଃ ନାରୀ କର୍ମୀମାନେ ... ..."

"ସେମାନଙ୍କ ପ୍ରଶଂସାତ ମୁଁ ଆମ ଅଞ୍ଚଳର ସମସ୍ତ ପ୍ରଜାଙ୍କ ଠାରୁ ଶୁଣିଛି ।" ନାରୀ କର୍ମୀମାନଙ୍କୁ ଅଳ୍ପ ଚାହିଁ ରାମନାରାୟଣବାବୁ ଫେରେ ମୁହଁ ବୁଲାଇଲେ ବିଦ୍ୟାଧରବାବୁଙ୍କ ଆଡେ । କିଛି ସମୟ ନୀରବ ରହିବା ପରେ ବିଦ୍ୟାଧରବାବୁ ପଚାରିଲେ "ଆଜି ଆପଣ: ପ୍ରାର୍ଥନାକୁ ... ..."

"ଆଜି ପୋଲିସ ସାହେବଙ୍କ ପୁଅ ଦେବବ୍ରତ ଆସିଥିଲେ ଆମ ଗାଁ ଦେଖିବାକୁ । ତାଙ୍କ ସହିତ କଥାବାର୍ତ୍ତା ହେଉ ହେଉ

ଡେରି ହୋଇଥିଲା । ସେ ଏଠାକୁ ଆସିବେ ବୋଲି ଭାବୁଥିଲେ । କିନ୍ତୁ ସମୟ ହୋଇଯିବାରୁ ଚାଲିଗଲେ । ବାସ୍ତବିକ୍ ପିଲାଟି ଭାରି ଭଲ । ଆପଣ ତ ଜାଣନ୍ତି ତାଙ୍କ ଯୋଗୁଁ ଏହି ଅଞ୍ଚଳର ଅନେକ ଲୋକ ମୃତ୍ୟୁମୁଖରୁ ଉଦ୍ଧାର ପାଇଛନ୍ତି । ବିଶେଷତଃ ମୋର ଭଉଣୀ ସରଳା ତାଙ୍କୁ ଭାରି ଭଲପାଏ । ଆପଣ ତ ଜାଣନ୍ତି ଆମର ସରଳାକୁ ଯେଉଁ ରୋଗ……”

“ହଁ ତାଙ୍କର ସ୍ୱାସ୍ଥ୍ୟ ବର୍ତ୍ତମାନ କିପରି ଅଛି ?”

“ତାର ରୋଗ ଗୋଟାଏ ବିଚିତ୍ର ଧରଣର କୌଣସି ରୋଗତ ଦେହରେ ନାହିଁ । କିନ୍ତୁ ଦିନକୁ ଦିନ ଦୁର୍ବଳ ହୋଇ ପଡ଼ୁଛି । ଡାକ୍ତର କହୁଥିଲେ ଯେ ମାନସିକ ଅଶାନ୍ତି ଯୋଗୁ କେବଳ ସେ ଦୁର୍ବଳ ହୋଇ ପଡ଼ୁଛି ।”

“ତାଙ୍କର ପେଟରେ ମାନସିକ ଅଶାନ୍ତି ଗୋଟିଏ କଣ ? ଏତେ ସୁଖ ଶାନ୍ତି ଭିତରେ ଅଛନ୍ତି । ହଁ ସୁଖ ଶାନ୍ତି ଭିତରେ ରହି ସୁଦ୍ଧା ସମୟେ ସମୟେ ମନୁଷ୍ୟର ଏ ସଂସାର ପ୍ରତି ଘୃଣା ଆସିଯାଏ । ମୁଁ ତାଙ୍କୁ ଅନେକ ଥର ଅନୁରୋଧ କଲିଣି ଆମର ଆଶ୍ରମ ଆଡେ ଟିକିଏ ବୁଲି ଆସୁଥିବା ପାଇଁ । କିନ୍ତୁ ସେତ ନାରାଜ” ବିଦ୍ୟାଧର ବାବୁଙ୍କ ମୁଖ ଅତି ଅଳ୍ପ ଗମ୍ଭୀର ହୋଇଗଲା । କିଛି ଗୋଟାଏ ଚିନ୍ତା ଯେପରି ମନଟାକୁ ଘାଣ୍ଟି ଚକଟି ଦେଲା ।

ଶେଷରେ ବିଦ୍ୟାଧରବାବୁ ଆଦେଶ ଦେଲେ କର୍ମୀମାନଙ୍କୁ ଯିବା ପାଇଁ । ସମସ୍ତ କର୍ମୀ ଉଠି ଚାଲିଗଲେ ଯେ ଯାହା କୁଟୀରକୁ । ବିଦ୍ୟାଧରବାବୁ ଓ ରାମନାରାୟଣ ବାବୁ କିଛି ସମୟ ନୀରବରେ ବସି ରହିଲେ ।

ବିଦ୍ୟାଧରବାବୁ ଉଠି ଯାଇ ଅଶ୍ରମର ଦ୍ୱାର ବନ୍ଦ କରିଦେଇ ଆସି ବସି ଗଲେ ନିଜ ଆସନରେ । ରାମନାରାୟଣ ବାବୁ କହିଲେ, "ଆପଣ ଶୁଣିଛନ୍ତି ନାଁ । ସର୍ଦ୍ଦାର ଜେଲରୁ ଆସିଗଲାଣି ।"

ସର୍ଦ୍ଦାର ନାଁ ଶୁଣି ବିଦ୍ୟାଧରବାବୁ ଟିକିଏ ବିଚଳିତ ହୋଇ ପଡ଼ିଲେ । କିନ୍ତୁ ନିଜକୁ ସଂଯତ କରି ପଚାରିଲେ "କେବେ ଆସିଲେ"?

ଏହି ପାଞ୍ଚ ଦିନ ହେବ । ଆଜି ମୋ ନିକଟକୁ ଆସିଥିଲା । ମୋତେ ଧମକ ଦେଇ କହୁଛି ଯେ ପ୍ରଜା ମାନଙ୍କ ଜମି ଯଦି ଫେରସ୍ତ ନଦିଏ ତେବେ ମୋତେ ଉପଯୁକ୍ତ ଶାସ୍ତି ଦେବ । ଆହୁରି ମୋର କେତେକ ବିଶ୍ୱସ୍ତ ଭୃତ୍ୟଙ୍କ ଠାରୁ ଶୁଣିଲିଯେ ସେ ପ୍ରଜା-ମାନଙ୍କ ଘର ଘର ବୁଲି ଜମି ବିଷୟ ବୁଝାଉ ଥିଲା । ଏବଂ ମେଳି ହୋଇ ବିଦ୍ରୋହ କରିବାକୁ ମଧ୍ୟ ପ୍ରେରଣା ଦେଉଥିଲା । ଆପଣତ ସବୁ ବିଷୟ ଜାଣନ୍ତି ଦେଶରେ ଯେଉଁ ଚାଉଳ ଅଭାବ ପଡ଼ିଲା ମୁଁ ଯଦି ଚାଉଳ ବିକି କରି ନଥାନ୍ତି ତେବେ ଏମାନଙ୍କ ଅବସ୍ଥା କେତେ ଶୋଚନୀୟ ହୋଇ ପଡ଼ିଥାନ୍ତା । ମୋ ନିକଟରେ ଚାଉଳ ଥିଲା ବୋଲି କଣ ମୁଁ ମାଗଣାରେ ସବୁ ଦେଇ ଦେଇଥାନ୍ତି । ସେମାନଙ୍କ ନିକଟରେ ପଇସା ନଥିଲା । ଜମି ବିକି କଲେ ଚାଉଳ ନେଲେ । ମୋର ବା ଅନ୍ୟାୟ କେଉଁଠି ହେଲା ।

କଥା ଛଡ଼ାଇ ନେଇ ବିଦ୍ୟାଧରବାବୁ କହିଲେ "ଆପଣ ଏତେ ବ୍ୟସ୍ତ କାହିଁକି ହେଉଛନ୍ତି । ମୁଁ ଯେତେବେଳେ ଏଠି ଅଛି ଆପଣଙ୍କର କୌଣସି ଅସୁବିଧା ହେବନି । ଲୋକେ କଣ ବୁଝୁଛନ୍ତି ? ଦେଶ ସ୍ୱାଧୀନ ହୋଇଗଲା । ଆରେ ଦେଶ ସ୍ୱାଧୀନ ହୋଇଗଲା

ବୋଲି କଣ ତୁମକୁ ମାଗଣାରେ ଗୃହଳ ମିଳିବ । ଏସବୁ କେଉଁଠି ନଥିବା କଥା । କିନ୍ତୁ ବର୍ତ୍ତମାନ ଗୋଟାଏ କଥା ଦେଖିବାକୁ ହେବ ସେହି ସର୍ଦ୍ଦାର ଯଦି ଏଠି ରହେ ତେବେ ବିଦ୍ରୋହ ସୃଷ୍ଟି କରି ଦେଇ ପାରେ । ତେଣୁ ତାଙ୍କୁ କିପରି ହେଲେ ତଡ଼ିବାକୁ ହେବ.........'

ରମନାରାୟଣବାବୁ ନୀରବ ରହି କହିଲେ "ଆପଣଙ୍କ ସାହାଯ୍ୟରେ ତ ମୁଁ ରହିଛି । ଆପଣଙ୍କ ଯାହା ଇଚ୍ଛା......

"ହଁ ହଁ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣ ତ ଜାଣନ୍ତି ଥରେ ଚେଷ୍ଟା କରି ତାଙ୍କୁ ଜେଲକୁ ପଠାଇଲି । କିନ୍ତୁ ଗୋଟାଏ ବିଷୟ ନେଇ ଭାବୁଛି । ତାଙ୍କୁ ତ ପନ୍ଦର ବର୍ଷ କାରାଦଣ୍ଡ ମିଳିଥିଲା । କିନ୍ତୁ ବାଇଶି ବର୍ଷ ରହିଲା କିପରି ?

"ଆପଣ ଜାଣନ୍ତି ନି ? ଥରେ ସେ ଜେଲରୁ ଖସି ପଳାଇବାକୁ ଚେଷ୍ଟା କରୁଥିଲା । ଧରା ପଡ଼ିବାରୁ ଫେରେ ସାତ ବର୍ଷ ଜେଲଦଣ୍ଡ ମିଳିଲା । ଅଚ୍ଛା ଆପଣ ଆଜ ଏ ବିଷୟ ନେଇ କଣ ଉପଦେଶ ଦେଉଛନ୍ତି ।

ମୁଁ ବର୍ତ୍ତମାନ କିଛି କହି ପାରିବି ନାହିଁ । ମୋତେ ଅଳ୍ପ ସମୟ ଦିଅ । ଅଚ୍ଛା କାଲି ମୁଁ କହିବି ।

ଶୀଘ୍ର ଶୀଘ୍ର କିଛି ଗୋଟାଏ ବ୍ୟବସ୍ଥା କରନ୍ତୁ । ନହେଲେ ସର୍ଦ୍ଦାର ମୋର ସର୍ବନାଶ କରିବ । ଆପଣଙ୍କ ସମସ୍ତ ସୁବିଧା ମୁଁ କରିବି । ହଁ ସେହି ନାରୀ କର୍ମୀଟା କିପରି ଅଛି ?

"ଏଁ, ହଁ, ହଁ । ପ୍ରଥମେ ପ୍ରଥମେ ତ ରାଜି ହେଉ ନଥିଲା । କିନ୍ତୁ ପରେ ତାଙ୍କୁ କରଗତ କରି ପାରିଛି । ଭାରି ଭଲ ପିଲାଟି ।

ଚଉଦ ବର୍ଷ ସିନା ହୋଇଛି । କିନ୍ତୁ ତରୁଣି ବର୍ଷର ଅଭିଜ୍ଞତା ଅଛି ।

“ଆପଣ ବେଶ୍ ଆରାମରେ ରହନ୍ତୁ । ଜୀବନଟା ଯାକ ଦେଶବାସୀଙ୍କ ସେବାରେ ଗଲା । ଅନ୍ତତଃ ଶେଷ ଜୀବନଟା ଆରାମରେ ବିତିବା ଦରକାର ।”

“ଆପଣଙ୍କ କୃପାରୁ ତ ବେଶ୍ ଆରାମରେ ଅଛି । ଆପଣଙ୍କ ସମସ୍ତ ସୁବିଧା କରିଦେବି । ଆପଣ ଜାଣନ୍ତି ମୋର ପ୍ରତେକ ବାକ୍ୟ ହିମାଳୟ ଠାରୁ କୁମାରିକା ଯାଏଁ ସମସ୍ତେ ଶୁଣିବେ ।

ରାମନାରାୟଣବାବୁ ଉଠୁ ଉଠୁ କହିଲେ “ଆପଣଙ୍କ ଦୟା ।”

ବିଦ୍ୟାଧରବାବୁ ଦ୍ୱାର ପର୍ଯ୍ୟନ୍ତ ଯାଇ ରାମନାରାୟଣ ବାବୁଙ୍କୁ ଛାଡ଼ି ଆସିଲେ । ତାପରେ ଗଲେ ଅନ୍ୟାନ୍ୟ କର୍ମୀମାନଙ୍କ କୁଟୀରକୁ ।

---

God is Good

## ପାଞ୍ଚ

ଠିକ୍ ସନ୍ଧ୍ୟା ସାତଟା ସମୟକୁ ଝୁନା ହାସପିଟାଲ୍ କବାଟ ବନ୍ଦ କରି ଚାଲିଗଲା ବାଡ଼ମଝି ଘର ଭିତରକୁ । ଖଟିଆ ଉପରେ ପଡ଼ି ଗଡ଼ ପଡ଼ ହେଉଛି । ଆଜି ମୀନା ଆସିବନି । ଘଣ୍ଟାଏ ପୂର୍ବରୁ ତାକୁ ଗାଳି ଦେଇ ତଡ଼ି ଦେଇଛି ।

ହଠାତ୍ କିଏ ଜଣେ ଦାଣ୍ଡ ଦ୍ୱାରେ କବାଟରେ ହାତ ମାରି ଡାକିଲା "ଡାକ୍ତରବାବୁ, ଡାକ୍ତରବାବୁ !"

ଝୁନା ଦୌଡ଼ି ଯାଇ କବାଟ ଖୋଲି ଦେଲା । ଜଣେ ବୃଦ୍ଧ ମୁସଲମାନ ଘର ଭିତରକୁ ପଶି ଆସିଲା । ଝୁନା କିଛି ସମୟ ନିରୀକ୍ଷଣ କରି ମୁସଲମାନ ବୁଢ଼ାଟିକୁ ଚାହିଁ କହିଲା "ଆସନ୍ତୁ, ଆସନ୍ତୁ ଆପଣଙ୍କ ଅପେକ୍ଷାରେ ତ ଥିଲି ।"

ଝୁନା କବାଟ ବନ୍ଦ କରି ଦେଲା । ମୁସଲମାନ୍ ବୁଢ଼ାଟି ଆଗେ ଆଗେ ଚାଲିଲା ବାଡ଼ ପଟଘରଟିକୁ । ପଛରେ ଝୁନା । ଗୋଟାଏ ଚୌକି ଟାଣି ଆଣି ବସିଗଲା ବୁଢ଼ାଟି । ଝୁନା ବସିଲା ଆଉ ଗୋଟାଏ ଚୌକିରେ ।

ବୁଢ଼ାଟି ଚାରି ଆଡ଼କୁ ଥରେ ଆଖି ବୁଲାଇ ନେଇ କହିଲା— "ଆଜି ଆପଣଙ୍କୁ ଗୋଟାଏ କାର୍ଯ୍ୟ କରିବାକୁ ପଡ଼ିବ । କଣ ପ୍ରସ୍ତୁତ ଅଛ ?

"ଆପଣଙ୍କ ଆଦେଶ ପାଳିବାପାଇଁ ତ ଥରେ ପ୍ରତିଜ୍ଞା ନେଇଛି, ସେଥିରେ ଅବିଶ୍ୱାସ କରିବାର କଣ ଅଛି ?"

ଦେଖ ଦେବବ୍ରତ, ତୁମ ଦ୍ୱାରା କାମ କରାଇବା ଏହା ମୋର ପ୍ରଥମ । ଆଜ ମୁକୁନ୍ଦପୁର ଜମିଦାର ଗୋଟିଏ କେଶ୍‌ରେ କଟକ ଚାଲି ଯାଇଛନ୍ତି । ଘରେ କେବଳ ଅଛି ତା'ର ଝିଅ 'ସରଳା' । ଚାକର ଚାକରାଣୀ ବି ବହୁତ ଅଛନ୍ତି । ତେଣୁ ହୁସିଆରରେ କାର୍ଯ୍ୟ କରିବାକୁ ପଡ଼ିବ । ଦଶଟା ସମୟକୁ ସମସ୍ତେ ଶୋଇଯିବେ । ତୁମକୁ ଯିବାକୁ ହେବ ଠିକ୍ ବାରଟା ପରେ । ଏହା ଦେଖ ଘରର ନକ୍‌ସା । ଏହା ବାଟେ ତୁମକୁ ଉପରକୁ ଉଠିବାକୁ ପଡ଼ିବ । ଉପର ମହଲାର ଏହା କୋଠରୀରେ ରହେ 'ସରଳା' ଏବଂ ଏହା କୋଠରୀଟି ଜମିଦାରର ଶୟନ କକ୍ଷ । ଶୟନ କକ୍ଷର ଏହା ପଲଙ୍କ ତଳେ ଦେଖିବ ସିମେଣ୍ଟ ଉପରେ ଚାରୋଟି ଲାଇନ କଟାଯାଇଛି । ଏହା ଚାରି ଲାଇନ୍ ମଝିରେ ଥିବ ଗୋଟାଏ ରନ୍ଧ୍ର । ଠିକ ଗୋଟାଏ ଆଙ୍ଗୁଠି ଯିବ । ସେହି ରନ୍ଧ୍ରରେ ଆଙ୍ଗୁଠି ପୁରାଇ ଟେକିଲେ, ସେହି ଚାରି କୋଣିଆ ସିମେଣ୍ଟ ଚଟାଣଟି ଉପରକୁ ଉଠିବ । ସେହି ଭିତରେ ଅଛି ଗୋଟାଏ ଛୋଟିଆ ସୁଟକେଶ । ସେହି ସୁଟକେଶଟିକୁ ନେଇ ଚାଲି ଆସିବ, ଦେଖ ବେଶ୍ ହୁସିଆରରେ କାମ କରିବ ।

ହଠାତ୍ ଏପରି ସମୟରେ ଅଗଣାରେ କଣ ଗୋଟାଏ ଜିନଷ ଧଡ଼ କରି ପଡ଼ିଗଲା । ମୁସଲମାନ ବୁଢ଼ାଟି ହଠାତ୍ ଠିଆ ହୋଇଗଲା । ଟୁନା ସ୍ୱିଚ ମାରି ଅଗଣାଟିକୁ ଆଲୋକିତ କରି ଦେଲା । ଦୁଇ ଜଣ ଯାଇ ଯାଇ ଦେଖିଲେ ଗୋଟାଏ ବୋତଲ ଭୂମି ଉପରେ ପଡ଼ି ଚୂରମାର ହୋଇ ଯାଇଛି ।

ଟୁନା ହଠାତ ଛାତ ଉପରକୁ ଦୌଡ଼ିଗଲା । କିନ୍ତୁ କିଛି ନ ଦେଖି ପାରି ଫେରି ଆସିଲା ।

ମୁସଲମାନ ବୁଢ଼ାଟି ଅଲ୍ପ ବିବ୍ରତ ହେଲା ପରି କହିଲା, "ଏ ବୋତଲଟି କପରି ତଳେ ପଡ଼ିଲା ?"

ଚୁନା ଜବାବ ଦେଲା "ବୋଧହୁଏ ମୂଷା ପକାଇ ଦେଇଥିବ । ଏ ଘରେ ତ ବହୁତ ମୂଷା ଅଛନ୍ତି ।"

ତା'ପରେ ଉଭୟେ ଚାଲି ଆସିଲେ ଟେବୁଲ ପାଖକୁ । ମୁସଲମାନ ବୁଢାଟି କହିଲା—"ତୁମେ ଯିବା ପାଇଁ ସେହି ନାଳ ପାଖେ ବୁଦା ଗଛରେ ଗୋଟାଏ ମୋଟର ସାଇକଲ ଥିବ । ସେଥିରେ ଯିବ । ଆଚ୍ଛା ମୁଁ ଯାଉଛି ବେଶ ହୁସିଆରରେ କାର୍ଯ୍ୟ କରିବ ।"

ତାପରେ ମୁସଲମାନ ବୁଢ଼ାଟି ଚାଲିଗଲା । ଚୁନା କବାଟ ବନ୍ଦକରି ଚାଲି ଆସିଲା ତା'ର କୋଠରୀକୁ ।

"ମୀ......ନା"

"ଆ...ସୁ...ଛି"

"କଣ କରୁଛୁ ?" କହି ସୋମନାଥ ବାବୁ ଚାଲିଲେ ମୀନାର କୋଠରୀକୁ ।

ମୀନା ଗୋଡ଼ ଲମ୍ବାଇ ବସିଛି ତାର ଖଟ ଉପରେ । କୋଳରେ ଧରିଛି ଗୋଟିଏ ଦଶ ଦିନର କୁକୁର ଛୁଆକୁ । କୁକୁରଟିକୁ ଚିତ୍ କରି ଗୋଡ଼ରେ ପକାଇ ଆସ୍ତେ ଆସ୍ତେ ଗୋଟାଏ ଚାମଚରେ ଦୁଧ ଖୋଉଛି । କୁକୁରଟା ଛଟପଟ ହେଉଛି । କିନ୍ତୁ ମାଈ ବସି ଦୁଧ ଖୋଇବାରେ ଲାଗିଛି । ଲିଲି ପାଖରେ ବସି ଦେଖୁଛି ତାର ଛୁଆକୁ କଣ କରାଯାଉଛି ।

ସୋମନାଥବାବୁ କୋଠରୀ ପାଖକୁ ଆସି ଡାକିଲେ 'ମୀ...ନା' । "ହଁ, ଆସିଲି ।"

କଣ ଆସିଲୁ—ଦେଖିବି କଣ କରୁଛୁ ଦେଖ , କହି ମୀନାର କୋଠରୀ ଭିତରକୁ ପଶିଗଲେ । ମୀନା କୁକୁରଟା ତଳେ ରଖି

ଉଠିବାକୁ ଉଦ୍ୟତ ହେଉଥିଲା, ସୋମନାଥ ବାବୁ ଯାଇ ବସି ପଡ଼ିଲେ ଗୋଟାଏ ଚୌକିରେ ।

ମୀନା ପଚ୍ଚାରିଲା, "ବାପା ଡାକୁଥିଲ ?"

"ହଁ, ମୁଁ ବର୍ତ୍ତମାନ ବ୍ରହ୍ମପୁର ଯାଉଛି । କାଲି ସକାଳେ ଆସିବ ।"

"କଣ କାର୍ଯ୍ୟ ଅଛି ?"

"ହଁ ଅତି ଜରୁରି କାର୍ଯ୍ୟ—ଧାଇ ତ ଘରେ ଅଛି । ଭୟ କରିବୁ ନା । ଯଦି ଭୟ ଲାଗେ ତେବେ ଝୁନାକୁ ଡାକିବୁ । ବୁଝିଲୁ ? ଅଚ୍ଛା ମୁଁ ଯାଉଛି ।" କହି ସୋମନାଥ ବାବୁ ଚାଲିଗଲେ । ବାହାରେ କାର୍ ଅପେକ୍ଷା କରିଥିଲା । ସୋମନାଥ ବାବୁ ବସିଗଲେ କାର୍‌ରେ । ମୀନା ଚାଲି ଆସିଲା ନିଜ କୋଠରୀ ଭିତରକୁ ।

× × ×

ଠିକ ସେହି ଦିନ ରାତି ସାଢେ ଏଗାରଟା ସମୟକୁ ଝୁନା ଶୋଇଛି ତା'ର କୋଠରୀରେ । କେତେ କଣ ଭାବନା ମନଟାକୁ ଅସ୍ଥିର କରି ପକାଉଛି । ଆଖିକୁ ନିଦ ଆସୁନି । ଖଟରେ ଏକଡ଼ ସେକଡ଼କୁ ଗଡ଼ି ଶୋଇବାକୁ ଚେଷ୍ଟା କରୁଛି । କିନ୍ତୁ ରାତି ବାରଟା ପରେ ତାକୁ ଆଜି ଯିବାକୁ ପଡ଼ିବ । ଲାଇଟ୍ ସବୁ ଲିଭି ଘର ଭିତରଟା ଅନ୍ଧକାର ହୋଇଛି ।

ହଠାତ୍ କାର ପାଦ ଶବ୍ଦ ଶୁଣାଗଲା ଯେପରି କି କେହି ଜଣେ ଛାତ ଉପରୁ ସିଡ଼ିରେ ତଳକୁ ଓହ୍ଲାଇ ଆସି ମଝି ଅଗଣାରେ ବୁଲୁଛି । ଝୁନା ମନକୁ ଭୂତ ଭୟଟା ଚାଲି ଆସିଲା । କିନ୍ତୁ ସାହସ ଧରି ଉଠିବାକୁ ଚେଷ୍ଟା କଲା । ଟେବୁଲର

ଗୁପ୍ତ ଭିତରରୁ ପିସ୍ତଲ ବାହାର କରିବାକୁ । ହଠାତ୍ ତାର କଠୋରଗାର ଲାଇଟ୍‌ଟା ଜଳିଗଲା । ବିଦ୍ୟୁତ ଆଲୋକରେ ଝୁନା ଦେଖିଲା ଜଣେ ଭୀମକାୟ ଲୋକ ତାର ସାମନାରେ ଠିଆ ହୋଇଛନ୍ତି ହାତରେ ପିସ୍ତଲ ଧରି ।ବେକ ଠାରୁ ପାଦ ଯାଏଁ ତାଙ୍କ ଦେହ ରହିଛି ଗୋଟାଏ କଳା ପୋଷାକରେ । ଆଖି ଉପରେ ଭିଡ଼ି ଦେଇଛନ୍ତି ଗୋଟାଏ କଳା କନା, କେବଳ ଆଖି ଦୁଇଟି ଜୁଳୁ ଜୁଳୁ ହୋଇ ପଦାକୁ ଦେଖାଯାଉଛି । ମୁହଁର କଳା କଳା ଦାଢ଼ିଗୁଡ଼ିକ ଛାତି ଯାଏ ଲମ୍ବି ଆସିଛି । ଲୋକଟା ଅତି ଜୋରରେ ହସି ଉଠିଲା । କି ଭୟଙ୍କର ସେହି ହସ । ସାରା କୋଠରୀଟା ଯେପରି କ୍ଷଣକ ପାଇଁ ଥରିଗଲା ସେହି ହସରେ ।

"କିଏ ସେ" ତୁମେ ? ପାଟି କରି ଝୁନା ଉଠିବାକୁ ଚେଷ୍ଟା କଲା ।

କିନ୍ତୁ ପିସ୍ତଲ ଦେଖାଇ ଗର୍ଜନ କରି ଉଠିଲା ସେହି ଦସ୍ୟୁଟି "ଆଗକୁ ଆସିବାକୁ ଚେଷ୍ଟା କରନ୍ତୁନା । ଚୁପ୍ ଚୁପ୍ ଯେଉଁଠି ବସିଛନ୍ତି ବସି ରହନ୍ତୁ । ହାଃ ! ହାଃ ! ହାଃ !"

"କାଲିର ଟୋକା ହୋଇ ତୋର ଏତେ ସାହସ—ଜମିଦାର ଘର ଚୋରି କରିବାକୁ ସାହାସ କରିଛୁ ? ବର୍ତ୍ତମାନ ଦେଖେ ତୋର ଦୁଃସାହାସର ପରିଣାମ..."

ହଠାତ୍ କେହି ଜଣେ ସେହି ଦସ୍ୟୁର ଠିକ୍ ପଛପଟେ ପିସ୍ତଲଟାକୁ ମଥାକୁ ଲଗାଇ କହିଲା, "ବୁଲିବାକୁ ଚେଷ୍ଟା କରନା ଦସ୍ୟୁ—ଯଦି ବୁଲିବାକୁ ଚେଷ୍ଟାକର ତେବେ ମୁଣ୍ଡର ଖପୁରି ଉଡ଼ାଇ ଦେବି, ସାବଧାନ ।"

ଏହି ଭଦ୍ରଲୋକଙ୍କ ଲୋକଟି ଫେରେ କାଏ ! ଟୁନା ଆଶ୍ଚର୍ଯ୍ୟ ହୋଇ ଦେଖୁଥାଏ । ପ୍ରଥମ ଦସ୍ୟୁଟିର ଯେପରି ବେଶ ଦ୍ୱିତୀୟଟିର ବି ଠିକ୍ ସେହି ବେଶ । ଟୁନା ଚୁପ୍‌ଚାପ ଠିଆ ହୋଇ ସବୁ ଦେଖୁଥାଏ ।

ଦ୍ୱିତୀୟ ଦସ୍ୟୁଟି ଗମ୍ଭୀର ସ୍ୱରରେ କହିଲା, "ପିସ୍ତଲ ରଖ ଟେବୁଲ୍ ଉପରେ । ହଁ ଆଗକୁ ଯାଅ" କହି ପିସ୍ତଲ ମୁହଁରେ ପଛରୁ ଠେଲି ଠେଲି ଆଗକୁ ନେଲା ।

ପ୍ରଥମ ଦସ୍ୟୁଟି ରଖିଦେଲା ପିସ୍ତଲଟିକୁ ଟେବୁଲ୍ ଉପରେ । ଦ୍ୱିତୀୟ ଦସ୍ୟୁଟି ପିସ୍ତଲ ଉଠାଇ ଦୁଇ ହାତରେ ଦୁଇଟା ପିସ୍ତଲ ଧରି କହିଲା, "ହଁ ବର୍ତ୍ତମାନ ଚାଲ ବାହାରକୁ । ଆଜି ତୁମର ଜୀବନ ପକ୍ଷୀକୁ ଏଠି ଉଡ଼େଇ ଦେଇଥାନ୍ତି ଆକାଶକୁ । କିନ୍ତୁ ତୁମେ ଅସହାୟ, ଚାଲିଯାଅ" କହି ପ୍ରଥମ ଦସ୍ୟୁଟିକୁ ଟୁନାର କୋଠରୀ ଭିତରୁ ବାହାର କଲା ମଝି ଅଗଣାକୁ ।

ଟୁନା ବି ପଛେ ପଛେ ଚାଲିବାକୁ ଉଦ୍ୟତ ହେଲା । କିନ୍ତୁ ଦ୍ୱିତୀୟ ଦସ୍ୟୁଟି ହସି ହସି କହିଲା, "ତୁମେ କାହିଁକି ପିଛା ଧରୁଛ ଟୁନାବାବୁ । ଏହି କୋଠରୀ ଭିତରେ ରହ" କହି କୋଠରୀର ଦ୍ୱାରଟିକୁ ଟାଣି ବନ୍ଦ କରି ଦେଲା ବାହାର ପଟୁ । ଟୁନା ଅସହାୟ ଅବସ୍ଥାରେ ଭିତରେ ରହି କିଛି ସମୟ ପରେ ଜୋର ପାଟିରେ ଡାକଦେଲା "ପୋଲିସ୍, ପୋଲିସ୍ ।"

କିନ୍ତୁ କେହି ଜବାବ ଦେବାକୁ ନିକଟରେ ନଥିଲେ । ଘଣ୍ଟାଏ ପର୍ଯ୍ୟନ୍ତ ଡାକଦେଲା ପରେ ଦୁଇ ଜଣ ସଶସ୍ତ୍ର ପୋଲିସ ଦୌଡ଼ି ଆସିଲେ ସୋମନାଥ ବାବୁଙ୍କ ଘରକୁ । ଟୁନାର କୋଠରୀ ଖୋଲି ଭିତରକୁ ପଶି ଆସିଲେ । ସମସ୍ତଙ୍କ ଆଗରେ ଥାଏ ମୀନା ।

ମୀନା ତରବର ହୋଇ ପଚାରି ଦେଲା, "କଣ ହେଲା ଭାଇ, ତୁମକୁ ଏପରି କୋଠରୀ ଭିତରେ ବନ୍ଦ କଲା କିଏ ?"

ଟୁନା ସମସ୍ତଙ୍କୁ ଦେଖି ଖଟ ଉପରେ ବସି ଘଟିଯାଇଥିବା ଘଟଣା ସବୁ ଗୋଟି ଗୋଟି କରି କହିଗଲା । ଦସ୍ୟୁ ନାଁ ଶୁଣି ସିପେହି ଦୁଇଟି ଦୌଡ଼ି ଏଣେ ତେଣେ ଖୋଜିଲେ । କିନ୍ତୁ କେଉଁଠି କିଛି ପାଇଲେ ନାହିଁ । ଡାକ୍ତରଖାନା ଦ୍ୱାର ଖୋଲା ଅଛି । ବୋଧହୁଏ ଦସ୍ୟୁ ଚାଲିଯାଇଛି ସେହି ବାଟେ ।

ମୀନା ସବୁ ଶୁଣିଲା ପରେ ପଚାରିଲା, "କିନ୍ତୁ ଦ୍ୱିତୀୟ ଦସ୍ୟୁଟା କିଏ ? ତୁମକୁ ରକ୍ଷା କରିବାର ଉଦ୍ଦେଶ୍ୟ କଣ ? ମୁଁ ତୁମକୁ କହୁଥିଲି ନା ଏଠି ରହିବା ନିରାପଦ ନୁହେଁ । ତୁମେ କଣ ମୋ କଥା ଶୁଣିବ ? ଉଲଟି ମୋତେ ଗାଳି ଦେବ ।"

"ମୋର ନେଗ୍ଲିଜେନସ୍ ଯୋଗୁ ଏ ସବୁ ହେଲା । ମୁଁ କୋଠରୀ ଦ୍ୱାର ବନ୍ଦ କରି ଶୋଇ ନ ଥିଲି । ବନ୍ଦ କରିଥିଲେ କଣ ଆସି ପାରିଥାନ୍ତା ?"

"ହଁ ସବୁ ହୋଇଗଲା ପରେ ନାକ ଗଲଭଟା ଜଣା ପଡ଼େ । ତୁମେ କାହିଁକି ଏଠି ରହୁଛ ? ଆମର ତ ସେହି କୋଠା ଖାଲି ପଡ଼ିଛି—ସେଠି କାହିଁକି ରହୁନ । ଚାଲ—ବର୍ତ୍ତମାନ ସେହି କୋଠାକୁ ଚାଲ······"ମୀନା ହାତ ଟାଣି ଟାଣି ନେଲା ଟୁନାର ।

ଟୁନା ଖାଲି କହୁଥାଏ "ନାହିଁ ମୀନା—ମୁଁ ଏଠି ରହିବି ତୁ ଯା'······"

"ନାହିଁ······ନାହିଁ······ନାହିଁ ଏକଲା ଏଠି କାହିଁକି ରହିବ ନା ?"

ଟୁନା ଆଉ କିଛି କହିପାରିଲା ନାହିଁ ମୀନାକୁ । କିପରି ବା କହିବ ଯେ ସେ ଅଳ୍ପ ବାରଟା ପରେ ଯିବ ଗ୍ରେପ୍ତ କରିବାକୁ । ସେ ତ ସବୁକଥା ଗୁପ୍ତ ରଖିଛି ।

ମୀନା ତ ସାଧାରଣରେ ଛାଡ଼ିବା ଝିଅ ନୁହେଁ । ଆଜି ଯେପରେ ତାକୁ ସୁବିଧା ମିଳିଛି ବଡ଼ ଭାଇ ଉପରେ ଶାସନ କରିବାକୁ । ଆଉ କେଉଁ ସମୟରେ ହୋଇଥିଲେ ସିନା ଟୁନା ତାର କାନ ମୋଡ଼ି ଘରୁ ବାହାର କରି ଦେଇଥାନ୍ତା—ଟୁନା ଧୁନା ପିଲା ପରି ଚାଲିଲା ମୀନାର ପଛେ ପଛେ ।

ସିପେହିମାନେ ସେହି କୋଠାର ସମସ୍ତ କବାଟ ବନ୍ଦ କରି ତାଲା ଦେଇଦେଲେ । ତାପରେ ସମସ୍ତେ ଚାଲିଗଲେ ସୋମନାଥ ବାବୁଙ୍କ ଘରକୁ ।

× × ×

ତାପର ଦିନ ଖବରକାଗଜରେ ବଡ ବଡ଼ ଅକ୍ଷରରେ ବାହାରି ପଡ଼ିଲା—"ଗଞ୍ଜାମ ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ ସୋମନାଥ ମିଶ୍ରଙ୍କ ଘରେ ଗଲା ରାତି ଦସ୍ୟୁ ପଶି ତାଙ୍କର ଏକମାତ୍ର ପୁତ୍ର ଦେବବ୍ରତ ବାବୁଙ୍କୁ ହତ୍ୟା କରିବା ପାଇଁ ଚେଷ୍ଟା କରିଥିଲା । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଆଉ ଗୋଟାଏ ଦସ୍ୟୁ ପଶି ଦେବବ୍ରତ ବାବୁଙ୍କୁ ରକ୍ଷା କରିଛି ଏବଂ ପ୍ରଥମ ଦସ୍ୟୁଟିକୁ ତଡ଼ି ଦେଇଛି । ଉଭୟେ ଗୁପ୍ତ ବେଶରେ ଥିବା ଯୋଗୁଁ ଦେବବ୍ରତ ବାବୁ ତାଙ୍କୁ ଚିହ୍ନି ପାରି ନାହାନ୍ତି । ପୋଲିସ୍ ଜୋରସୋରରେ ତଦନ୍ତ ଚଳାଇଛନ୍ତି । କେହି ହେଲେ ଧରା ପଡ଼ି ନାହିଁ ।"

ଠିକ୍ ସେହି ରାତି ଦୁଇଟା ସମୟରେ ମୁକୁନ୍ଦପୁର ଜମିଦାର ରାମନାରାୟଣ ଦାସଙ୍କ ଶୟନ କକ୍ଷରେ ଗୋଟାଏ ଦସ୍ୟୁ ପଶି ତାଙ୍କର

ବହୁମୂଲ୍ୟ କାଗଜପତ୍ର ଥିବା ଗୋଟାଏ ସୁଟ୍‌କେଶ୍ ତାଙ୍କର ଅନୁପସ୍ଥିତିର ସୁଯୋଗ ନେଇ, ତାଙ୍କର ପଲଙ୍କ ତଳେ ଥିବା ଗୋଟାଏ ଗୁପ୍ତ ସ୍ଥାନରୁ ନେଇ ପଳାଇ ଯାଇଛି । ଏହି ସମ୍ବାଦ ଛତ୍ରପୁରବାସୀଙ୍କ ମନରେ ଗୋଟାଏ ଗୁରୁତ୍ୱପୂର୍ଣ୍ଣ ସୃଷ୍ଟି କରି ଦେଇଛି । ଏପରି ଅନେକ ଘଟଣା ଅନେକ ସ୍ଥାନରେ ଘଟି ଯାଇଥିଲେ ସୁଦ୍ଧା ପୋଲିସ୍ ତତ୍ପର ନ ହେବା ବଡ଼ ଦୁଃଖର ବିଷୟ । ସରକାର ଶୀଘ୍ର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ।"

ଗୋଟାଏ ସ୍ଥାନରେ ଏପରି ବଡ଼ ବଡ଼ ଦୁଇଟି ଭୟଙ୍କର ଘଟଣା ଘଟିଯାଇଛି, ତଥାପି ଦସ୍ୟୁ ଧରା ପଡ଼ିନି । ସମସ୍ତଙ୍କ ମନରେ ଏହି ସମ୍ବାଦ ଗୋଟାଏ ଆତଙ୍କ ସୃଷ୍ଟି କରି ଦେଇଛି । ସମସ୍ତଙ୍କର ସନ୍ଦେହ ହେଲା ଯେ ଏ ସବୁ କେବଳ ସେହି ଡାକୁ ସର୍ଦ୍ଦାରର କାର୍ଯ୍ୟ । ସଙ୍ଗେ ସଙ୍ଗେ ପୋଲିସ୍ ୱାରେଣ୍ଟ ବାହାରି ପଡ଼ିଲା । ସର୍ଦ୍ଦାରକୁ ଆରେଷ୍ଟ କରିବାକୁ; କିନ୍ତୁ ସର୍ଦ୍ଦାର ଫେରାର ।

ତା ପର ଦିନ ଖବରକାଗଜରେ ସରକାରଙ୍କ ଘୋଷଣା ବାହାରି ପଡ଼ିଲା । ଦସ୍ୟୁ ସର୍ଦ୍ଦାରକୁ ଜୀବିତ ଅବସ୍ଥାରେ ଯେ ଧରାଇ ଦେଇପାରିବ, ତାଙ୍କୁ ସରକାର ଏକହଜାର ଟଙ୍କା ପୁରସ୍କାର ଦେବେ ।

# ଛଅ

ଟୁନା ସୋମନାଥ ବାବୁଙ୍କ ଶୟନକକ୍ଷରେ ବସି ଖବର-କାଗଜଟିକୁ ଦୁଇ ତିନି ଥର ପଢ଼ି ଗଲାଣି । ତଥାପି ତାକୁ ବିଶ୍ୱାସ ହେଉନି ଯେ ଗତ ରାତିରେ ଜମିଦାରଙ୍କ ଶୟନକକ୍ଷରୁ କିଏ ସେ କାଗଜପତ୍ର ଚୋରି କରି ନେଇଛି । ତେବେ କଣ ସେହି ଦ୍ୱିତୀୟ ଅନୁମଣକାରୀଟି ସେହି ବିପ୍ଳବୀ ମୁସଲମାନ ବୁଢ଼ା । ନ ହେଲେ ବା ମୋତେ କାହିଁକି ରକ୍ଷା କରିଥାନ୍ତେ । ତେବେ ସେ ମୋତେ ନିଶ୍ଚୟ ଭାବିଥିବେ ଯେ ଗୋଟାଏ ଭୀରୁ । ସେ ଯଦି ଆସିବେ ତେବେ କିପରି ତାଙ୍କ ଆଗରେ ମୁହଁ ଦେଖେଇବି । କଣ ବା ତାଙ୍କୁ କହି କ୍ଷମା ମାଗିବି ? କିନ୍ତୁ ସେ ଯଦି କାଲି ରାତିର ଘଟଣା କିଛି ଜାଣିପାରି ନ ଥିବେ ତେବେ ନିଶ୍ଚୟ ଭାବିଥିବେ ଯେ ମୁଁ ଜମିଦାରଙ୍କ ଘରୁ କାଗଜପତ୍ର ସବୁ ନେଇ ଆସି ପାରିଛି । ତେବେ କିପରି ତାଙ୍କୁ କହିବି ମୁଁ ଆଣି ପାରିନି, ଅନ୍ୟ କେହି ନେଇଯାଇଛି । ତାଙ୍କର ଏତେ ବଡ଼ ଦଳ ପଛରେ ଅଦ୍ଭୁର ଗୋଟାଏ ଦଳ ଅଛି ବୋଲି ଜାଣିଲେ ତାଙ୍କର ମନର ଅବସ୍ଥା କଣ ନ ହେବ ? ସେ କଣ ମୋତେ ଆଉ ବିଶ୍ୱାସ କରିବେ ? ମୋତେ କଣ ତାଙ୍କ ଦଳର ସଭ୍ୟ କରି ରଖିବେ ?

ଏସବୁ କେତେ କଣ ଭାବନା ତା'ର ମନଟିକୁ ଅସ୍ଥିର କରି ପକାଇଲା । କିଛି ଭାବି ନ ପାରି ଶେଷରେ ଖବର କାଗଜଟିକୁ ଟେବୁଲ ଉପରେ ରଖି ଦେଇ ଘର ଭିତରେ ବ୍ୟସ୍ତବ୍ୟସ୍ତ ହୋଇ ଧୀରେ ଧୀରେ ପଦ ଚାଳନା କରିବାକୁ ଲାଗିଲା । ଶେଷରେ ଠିକ୍ କଲା ନା ଯଦି

ସର୍ଦ୍ଦାର କହନ୍ତି ଜାଣି ନ ଥିବେ ତେବେ ଗୋଡ ହାତ ଧରି କ୍ଷମା ମାଗିବ । ଭବିଷ୍ୟତରେ ଆଉ କେବେ ଏପରି କରିବନି' ବୋଲି କହିବ ।

ହସି ହସି ମୀନା ପଶି ଆସିଲା କୋଠରି ଭିତରକୁ, ତା ପଛେ ପଛେ ଧାଇଁ ବୁଢ଼ୀଟା । ଟେବୁଲ ଉପରେ ଆଣି ରଖିଦେଲା ଚା ଏବଂ ଜଳଖିଆ । ମୀନା ଏବଂ ଝୁନା ବସିଲେ ଜଳଖିଆ ଖାଇବାକୁ । ଆଜି ଝୁନାର ମୁହଁଟା ଗମ୍ଭୀର ଦେଖାଯାଉଛି । ଚୁପ୍ ଚାପ ବସି ଜଳଖିଆ ଖାଇବାରେ କେବଳ ଲାଗିଛି ।

ମୀନା ଡାକିଲା, "ଝୁନା ଭାଇ ।"

"କଣ ?"

ମୀନା ଅଳ୍ପ ହସି କହିଲା, "କାଲି ରାତି ୮ ଟାରେ ହରଣା ଆସିଛି ତାର ବାପାଙ୍କ ସହିତ । ତାଙ୍କର ସେଇ ଓକିଲ ମାମୁଁଙ୍କ ଘରେ ଅଛନ୍ତି ।"

ଝୁନା କଥାଟାରେ ଗୁରୁତ୍ୱ ନ ଦେଇ କହିଲା, "କଣ ହେଲା?"

ମୀନା ଅଳ୍ପ ହସି କହିଲା, "ହବ ଆଉ କଣ ! ସେମାନେ ଆସିଛନ୍ତି ବାପାଙ୍କ ସହିତ କଥା ଭାଷା କରି ବିବାହ ପକ୍କା କରିବେ ।"

ଝୁନା ଜୋରରେ ହସି କହିଲା, 'ତୁ ମଧ୍ୟ କଣ ପାଗଳୀ ହେଲୁ ମୀନା । ମୁଁ ଗତ ବର୍ଷଠୁ କହୁଛି ମୁଁ ସେଠି ଆଦୌ ବାହା ହେବିନି । ତଥାପି ମୋ ପଛରେ କାହିଁକି ଲାଗିଛ ?"

ମୀନା ଅଳ୍ପ ରହି କହିଲା, 'କାହିଁକି ମନ ପାଉନି ।' ହରଣା ତ ଅସୁନ୍ଦର ନୁହେ । ମାଇନର୍ ଯାଏଁ ତ ବି ପଢ଼ିଛି !

ଟୁନା ଅଳ୍ପ ହସି କହିଲା, "ସେହି ଶେଷ କ୍ୱାଲିଫିକେସନଟା କୁହନା......"

"କାହିଁକି ? — ସ୍କୁଲ କଲେଜରେ ପଢ଼ିଲେ କଣ ଭାବିଛ କେବଳ ମନୁଷ୍ୟର ଜ୍ଞାନ ହୁଏ । ଘରେ ପଢ଼ି ମଧ୍ୟ ତ ଲୋକେ ଜ୍ଞାନ ଅର୍ଜନ କରନ୍ତି ।"

"କିନ୍ତୁ ! ଜ୍ଞାନ ନୁହେଁ" ବିଦ୍ରୂପ ହସଟିଏ ହସି ଟୁନା କହିଲା ।

'ନାରୀଜାତି ପ୍ରତି ଅପମାନ ନାରୀ କେବେ ସହ୍ୟ କରି ପାରେନା ।' ହଠାତ୍ ମୀନା ରାଗିଯାଇ କହିଲା, "କିନ୍ତୁ ମୁଁ ଭାବୁଛି ଝରଣା ଘରେ ପଢ଼ି ଯେତେ ନା ଅର୍ଜନ କରି ପାରିଛି ତୁମେ ଏତେ ବର୍ଷ କଲେଜରେ ପଢ଼ି ବି ସେତିକି ଜ୍ଞାନ ପାଇ ପାରି ନ ଥିବ ।'

କଥାଟା ଗୁଁଜିକନା ଲାଗିଗଲା ଟୁନାକୁ । ଟୁନା ସହ୍ୟ କରି ନପାରି ଚୌକିରୁ ଉଠି କହିଲା—"ସ୍ତ୍ରୀ ଜାତିକି ଯେ ବିଶ୍ୱାସ କରେ, ମୁଁ ଭାବୁଛି ତା' ଠାରୁ ମୂର୍ଖ ସଂସାରରେ ଆଉ କେହି ନାହିଁ । ସେଇଥି ପାଇଁ ପରା ସ୍ତ୍ରୀଜାତି ପୁରୁଷର ସମକକ୍ଷ ହେବା ପାଇଁ ଯେତେ ଚେଷ୍ଟା କଲେ ବି ସେତିକି ନୀଚ ସ୍ତରରେ ପଡ଼ି ରହୁଛି । ଖାଲି ପଡ଼ି ରହୁନି, ସବୁଦିନେ ସେପରି ପଡ଼ି ରହିଥିବ" କହି ଟୁନା ଶୋଇ ପଡ଼ିଲା ଖଟ ଉପରେ ।

ରାଗରେ ମୀନାର ମୁହଁଟା ଲାଲ ପଡ଼ିଗଲା । କଣ କହିବ କିଛି ଭାବି ପାରିଲା ନାହିଁ । କିଛି ସମୟ ମୌନ ରହି କହିଲା, "କିନ୍ତୁ ସ୍ତ୍ରୀ ଜାତିର ଏହି ନୀଚ ଦଶା ପାଇଁ ପୁରୁଷ ଜାତିଟା ଦାୟୀ । ସେମାନଙ୍କ ଯୋଗୁଁ ନାରୀମାନଙ୍କର ଆଜି ଏହି ଦଶା......"

ଟୁନା ହସି ହସି କହିଲା, "ଏହି ତଥ୍ୟଟା ଯଦି ସ୍ତ୍ରୀମାନେ ଜାଣି ପାରିଛନ୍ତି ତେବେ ସତର୍କ ହୋଇ କାହିଁକି ଚଳୁ ନାହାନ୍ତି ?— ସାହସ କାହିଁ ପୁରୁଷ ଆଗରେ ମଥା ଉଠାଇବାକୁ ।"

"ମଥା ଉଠାଇ ନ ପାରିଲେ ବି ମଥା ପୋତି ସ୍ତ୍ରୀ ଯାହା କରିଦେଇ ପାରେ ପୁରୁଷ ଛାତି ଫୁଲାଇ ଜୀବନ ସାରା ଗର୍ଜିଲେ ବି ସ୍ତ୍ରୀ ବିନା କିଛି କରି ପାରିବ ନାହିଁ । ତୁମେ ବୋଧହୁଏ ଜାଣିନ ଯେ ସ୍ତ୍ରୀ ପୁରୁଷର ପ୍ରେରଣା·····"

"କିନ୍ତୁ ଏହି ପ୍ରେରଣା ଯଦି ସତ୍ କାର୍ଯ୍ୟରେ ଆସନ୍ତା ତେବେ ଉତ୍ତମ ହୁଅନ୍ତା । କିନ୍ତୁ ଏହି ପ୍ରେରଣା ପୁରୁଷକୁ କେବଳ ଅସତ୍ ପଥରେ ଗତି କରାଏ·····"

ଏଇଟା ପୁରୁଷର ଭୁଲ । ସେହି ପ୍ରେରଣାକୁ ଉପଯୁକ୍ତ ଭାବେ ବ୍ୟବହାର କରିବା ପୁରୁଷର କାର୍ଯ୍ୟ । ତୈଳ ଶକ୍ତି ଦିଏ ଦୀପକୁ ଚତୁର୍ଦ୍ଦିଗ ଆଲୋକିତ କରିବାକୁ । କିନ୍ତୁ ଶିଖା ଯଦି ପତଙ୍ଗକୁ ପୋଡ଼ି ମାରିବ, ସେଥିପାଇଁ ତ ତୈଳ ଦୋଷୀ ହୋଇ ପାରିବନି ।

ତୋ ସହିତ ମୁଁ ତର୍କ କରିବାକୁ ଚାହେଁ ନି । ମୁଁ ଥରେ କହିଲି ପରି ମୁଁ ଜୀବନରେ ଯେଉଁ ଜାତିକୁ ଘୃଣା କରେ ସେଥିରୁ ଗୋଟାଏ ଦେହରେ ଛନ୍ଦି ଜୀବନଟା ମୋର ନଷ୍ଟ କରିବାକୁ ଚାହେଁ ନି ।

ମୀନା ଟିକିଏ ବିବ୍ରତ ହୋଇଗଲା । ଭାଇ ସହିତ ଯୁକ୍ତି କରିବାକୁ ତାର ଇଚ୍ଛା ହେଲନି । ତେଣୁ ଅଳ୍ପ ନମ୍ର ହୋଇ କହିଲା, "ତୁମେ ଜାତିଟାକୁ ଏତେ ଘୃଣା ଚକ୍ଷୁରେ ଦେଖୁଛ କାହିଁକି ?"

ହଠାତ୍ ଝରଣା ତା କୋଠରୀ ଭିତରକୁ ପଶି ଆସୁ ଆସୁ ହସି ହସି କହିଲା, "ଘୃଣା କରିବେନି । ଯଦି ସ୍ତ୍ରୀଟିଏ ପାଖରେ ରହିବ ତେବେ ତାଙ୍କୁ ନିଶ୍ଚୟ ପୁରୁଷର ସବୁ ଦୁର୍ବଳତା ଜଣା ପଡ଼ିଯିବ । ଆଉ ଭୀରୁ ହୋଇ ନିଜର ବୀରତ୍ୱ କାହା ଆଗରେ ଦେଖାଇବେ ।—ଆରେ ମୀନା ! କଣ ଜଳଖିଆ ଖାଇ ଟେବୁଲ ସଫା କରିନ ? ଅଚ୍ଛା, ମୁଁ ସଫା କରିଦିଏ" କହି ଝରଣା ଟେବୁଲ ନିକଟକୁ ଚାଲିଲା ।

ଚୁନା ଅଳ୍ପ ମୁହଁ ବୁଲାଇ ଝରଣାକୁ ଦେଖି ଫେରେ ମୁହଁ ସେ ଆଡ଼କୁ କରି ଦେଲାଣି । ମୀନା କହିଲା, "ନାହିଁ ନାହିଁ, ସେ ଧାଈ ଆସି ନେଇଯିବ ଯେ—"

ହଠାତ୍ ଧାଈ ବୁଢ଼ୀ ଘର ଭିତରକୁ ପଶି ଆସି ଟେବୁଲ ସଫା କରି ଚାଲିଗଲା । ଝରଣା ବସି ଯାଇଥାଏ ଗୋଟାଏ ଚୌକିରେ । ଝରଣାର ବ୍ୟଙ୍ଗ କଥାଗୁଡ଼ାକ ଚୁନାର ମନରେ ଯେପରି ଆଘାତ ଦେଉଛି, ମୀନା ମନରେ ସେତିକି ଆନନ୍ଦ ଦେଉଛି ।

ଝରଣା ଚୁନାକୁ ଲକ୍ଷ୍ୟ କରି କହିଲା, "କଣ ଆଜ୍ଞା—କାଲି ଦସ୍ୟୁ ପଶି ଆପଣଙ୍କ ପରି ବୀରକୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା । ଆପଣ ମୂକ ପାଷାଣ ପରି ଠିଆ ରହିଗଲେ । ବାସ୍ତବିକ୍ ଯଦି ଦ୍ୱିତୀୟ ଜଣକ ଆପଣଙ୍କ କୋଠରୀକୁ ଆସି ଆପଣଙ୍କୁ ରକ୍ଷା କରି ନ ଥାନ୍ତା ତେବେ ଏହି ବୀରପ୍ରସବିନୀ ଭାରତମାତା ହରେଇ ଥାନ୍ତା ତା'ର ଏକ ବୀର ସନ୍ତାନ....."

'ଝରଣା', ଚୁନା ରାଗ ତମତମ ହୋଇ ଝରଣାର କଥା ବନ୍ଦ କରିବାକୁ ଚେଷ୍ଟା କଲା, "ତୁମକୁ କିଏ କହିଲା ଏ ଭିତରକୁ ଆସିବାକୁ ?"

ଝରଣା ଗମ୍ଭୀର ହୋଇ କହିଲା, "ବୀର ରମଣୀ କେବେ ଅନୁମତ ଭିକ୍ଷା କରିବା ଜାଣେନି"—ତାପରେ ଗୋଟାଏ ଭୀରୁକୁ ଅନୁମତ ଭିକ୍ଷା କରିବା କେତେ ଘୃଣାର ବିଷୟ......"

ଝୁନା ଖଟ ଉପରୁ ଧଡ଼ ପଡ଼ ହୋଇ ଉଠି କହିଲା, "ଭାରି ବୀର ରମଣୀ ତ ! ଶୀଘ୍ର ବାହାର ହୁଅ ମୋର କୋଠରୀରୁ ।"

ଝରଣା ଅତି ଜୋରରେ ହସି ହସି କହିଲା, "ଏତିକି ସାହସ ଯଦି କାଲି ରାତିରେ ଆପଣଙ୍କର ଥାଆନ୍ତା ନା ଝୁନା ବାବୁ, ତେବେ ଆଉ କଣକୁ ଆପଣଙ୍କୁ ରକ୍ଷା କରିବାକୁ ଦସ୍ୟୁ ବେଶରେ ଆସିବାକୁ ପଡ଼ି ନ ଥାନ୍ତା ।"

ଝୁନା ରାଗରେ ଲମଲମ ହୋଇ ଖଟ ଉପରୁ ଉଠି ଆସି ଝରଣାର ହାତ ଧରି ଜୋରରେ ଟାଣି କହିଲା, "ଶୀଘ୍ର ବାହାର ହୁଅ ମୋର କୋଠରୀରୁ ।"

ମୀନା ଆଶ୍ଚର୍ଯ୍ୟ ହୋଇ ଦେଖୁଥାଏ । ଝରଣାର ହାତ ଟାଣି କୋଠରୀରୁ ବାହାର କରି ଦେବା ଦେଖି ତା'ର ପାଟିରୁ ବାହାରି ପଡିଲା, "ଭାଇ......"

ଝରଣା ଜୋରରେ ହାତ ଛୁଆଁଇ ଦେଲା । ଝୁନାର ସାରା ଶରୀର ଥରିଗଲା । ଝରଣା ରାଗ ତମତମ ହୋଇ କହିଲା, "ହାତ ଟାଣି ପଦାକୁ ବାହାର କରି ଦେବାକୁ ଆପଣଙ୍କୁ କିଏ ଅଧିକାର ଦେଲା ? ଆପଣ ଅସହାୟ ହୋଇ ଏଠି ପଡ଼ି ରହିଛନ୍ତି ବୋଲି କଣ ମନେ କରିଛନ୍ତି ଆପଣଙ୍କ ପରି ମୁଁ ବି ଅସହାୟ ? କେବେ ନୁହେଁ, ଆପଣ ପିତୃମାତୃହୀନ—କିନ୍ତୁ ମୁଁ ପିତୃମାତୃହୀନ ହୋଇ କାହାର ଆଶ୍ରୟ ନେଇନି, ମନେ ରଖିଥାନ୍ତୁ । ମୁଁ ଏଠାକୁ ମୀନାର ଅନୁରୋଧରେ ଆସିଛି । କିନ୍ତୁ ମୋତେ କେହି ଆଣି ଅସହାୟ ଦେଖି ଏଠି ଛାଡ଼ି ଯାଇନି ।"

ଝୁନାର ମଥା ଭିତରେ ଗୋଟାଏ ଝଡ଼ ତୋଫାନ ଭୀଷଣ ବେଗରେ ଗତି କରି ବିଦ୍ରୋହ ସୃଷ୍ଟି କରିଦେଲା । ଆଉ ଶକ୍ତି ଧରି ଠିଆ ହୋଇ ପାରିଲା ନାହିଁ । ଖଟ ଉପରେ ବସି ପଡ଼ିଲା । କିଛି କ୍ଷଣ ମୌନ ରହି ଝଡ଼ ବେଗରେ କୋଠରୀ ଭିତରୁ ବାହାରିଗଲା । ମୀନା ପଛରୁ ଡାକିଲା,"ଭା···ଇ";କିନ୍ତୁ ଝୁନା ସେତେବେଳକୁ ଚାଲି ଯାଇଥାଏ ବାହାରକୁ ।

ମୀନା ଝରଣାକୁ ଚାହିଁ ଅତି ଆକୁଳ ଭାବେ କହିଲା, "ଝରଣା ତୁମେ ଏ କଣ କଲ, ଭାଇଙ୍କୁ କାହିଁକି ଅପମାନ ଦେଲ ? 'ତୁମେ ଜାଣନି' ସେ କିପରି ପ୍ରକୃତିର ଲୋକ । ଯଦି ରାଗିବେ କଣ ବୋଇଲେ କଣ କରି ପକାଇବେ ।"

ଝରଣା ଗମ୍ଭୀର ହୋଇ କହିଲା, "ଯେ ଯେପରି ବ୍ୟବହାର କରେ, ସେ ସେପରି ବ୍ୟବହାର ପାଏ ।"

"କିନ୍ତୁ ତୁମ ସହିତ ତାଙ୍କର ବିବାହ ପ୍ରସ୍ତାବ ରହିଛି ।"

ହଁ ତାହା ମଧ୍ୟ ମୁଁ ଜାଣେ—କିନ୍ତୁ ତୁମେ ଜାଣନି ପୁରୁଷକୁ ପ୍ରକୃତ ରାସ୍ତାକୁ ଆଣିବାକୁ ହେଲେ ନାରୀକୁ କେତେ ପ୍ରକାର ରୂପ ଧାରଣ କରିବାକୁ ପଡ଼େ । ପୁରୁଷ ପାଇଁ ନାରୀ ତାର ସର୍ବସ୍ୱ ଦିଏ— ତୃପ୍ତି ପାଇଁ ନାରୀ ପୁରୁଷର ପାଦ ତଳେ ତାର ହୃଦୟ ଅଜାଡ଼ି ପ୍ରେମ ଦିଏ । ସାନ୍ତ୍ୱନା ପାଇଁ ମା ଠାରୁ ବଳି ବି ଆଶ୍ୱସନା ଦିଏ । ଆବଶ୍ୟକ ପଡ଼ିଲେ ନାରୀକୁ ବଜ୍ରଠାରୁ ଆହୁରି ଟାଣ ହେବାକୁ ପଡ଼େ·····"

"କିନ୍ତୁ ବର୍ତ୍ତମାନ ସେ ତ ରାଗି ଚାଲିଗଲେ·····" ଅତି କରୁଣ ଭାବେ ମୀନା କହିଲା । ଆଜି ତା'ର ହୃଦୟ ଭିତରେ କୋହ ଭୁହାକୁ ଭୁହା ଉଠୁଛି ତା'ର ଆଦରର ଝୁନା ଭାଇ ପାଇଁ ।

ଝରଣା ଚୌକିରୁ ଉଠି କହିଲା, "ତୁମେ କାହିଁକି ବ୍ୟସ୍ତ ହେଉଛ···ତୁମର ଭାଇଙ୍କୁ ତୁମ ପାଖକୁ ଆଣିଦେଲେ ଯଥେଷ୍ଟ ନା ?"

ମୀନା ସନ୍ଦେହ ଦୃଷ୍ଟିରେ ଗୁହାଁଲା ଝରଣାକୁ । ଝରଣାର ଏ ସବୁ ବ୍ୟବହାର ଦେଖି ତାକୁ ଅତି ଆଶ୍ଚର୍ଯ୍ୟ ଲାଗୁଥାଏ । ତାପରେ ଝରଣା ଗୁଲିଗଲା କୋଠରୀ ଭିତରୁ । ମୀନା ଖଟ ଉପରେ ପଡ଼ିଗଲା ମୁହଁମାଡ଼ି । ଆଖିରୁ ତା'ର ଧାର ଧାର ଲୁହ ଗଡ଼ି ଯାଉଥାଏ ।

ଝରଣା କୋଠରୀ ଭିତରୁ ବାହାରି ସିଧା ସିଧା ଗ୍ଲଲା ଛାତ ଉପରକୁ । ତାପରେ ସୋମନାଥ ବାବୁଙ୍କ ଅନ୍ୟ ଘର ଛାତ ଉପରକୁ ଯାଇ ସିଢ଼ିରେ ଖସିଲା ଚୈନା ଯେଉଁ ଘରେ ରୁହେ ସେହି ଘର ଅଗଣାକୁ । ଦେଖିଲା ଚୈନା ଖଟ ଉପରେ ଚିତ୍ ହୋଇ ଶୋଇଛି । ମୁଖଟା ମଳିନ ପଡ଼ିଯାଇଛି । କେତେ କଣ ଭାବନା ଖେଳିଯାଉଛି ମନ ଭିତରେ ।

ଝଡ଼ ବେଗରେ ଝରଣା ଦୌଡ଼ି ଯାଇ ଚୈନାର ପାଦ ଦୁଇଟା ଧରି ପକାଇ କହିଲା, ମୋର ଦୋଷ ହୋଇଛି ମୋତେ କ୍ଷମା କର ।"

ଚୈନା ସେପରି ଶୋଇ କହିଲା, "ତୁମର କଣ ଦୋଷ ହୋଇଛି ଝରଣା । ବାସ୍ତବିକ ତୁମେ ବହୁଦିନ ପରେ ମୋତେ ଉଚିତ ଜ୍ଞାନ ଦେଇଛ ।"

ଝରଣାର ଆଖିରୁ ଧାର ଧାର ଲୁହ ଗଡ଼ି ଚୈନାର ପାଦ ଦୁଇଟାକୁ ଭିଜାଇ ଦେଲାଣି । ଝରଣା ସେପରି ଭାବେ ଚୈନାର ପାଦ ଦୁଇଟାକୁ ଭିଡ଼ି ଧରି କହିଲା,"କହ—ମୋତେ କ୍ଷମା ଦେଇଛ·····"

"ହଁ କ୍ଷମା କରିଛି । ତୁମେ ଗୁଲିଯାଅ—ମୋତେ ଅଉ ଦୁଃଖ କଷ୍ଟ ଦିଅନା । ମୋର ଅଉ ଶୁଣିବାର ଶକ୍ତି ନାହିଁ·····" ଚୈନାର

ଗଲା ରୁନ୍ଧ ହୋଇ ଆସିଲା । ଫରଣା ମୁହଁ ଉଠାଇ ଦେଖିଲା ଝୁନାର ଆଖିରୁ ଧାର ଧାର ଲୁହ ଗଡ଼ି ଚାଲିଛି ।

ଫରଣା ଖଟ ଉପରେ ବସି ନିଜ ପଣତ କାନିରେ ଝୁନାର ଆଖିରୁ ଲୁହ ପୋଛୁ ପୋଛୁ କହିଲା, "ଆପଣ ଏତେ ଦୁର୍ବଳ ? ଅତି ଗୋଟାଏ ତୁଚ୍ଛା କଥାରେ ପିଲାଙ୍କ ପରି କାନ୍ଦୁଛନ୍ତି । ମନୁଷ୍ୟଙ୍କୁ କେତେ ଶକ୍ତି ଧରି କାର୍ଯ୍ୟ କରିବାକୁ ପଡ଼େ ନିଜ ଜୀବନର ଲକ୍ଷ୍ୟ ହାସଲ କରିବାକୁ ।"

ଝୁନା କଡ଼ ଲେଉଟାଇ ଶୋଇଗଲା । ଦୁଃଖ ଅପମାନ ତା'ର ମନଟାକୁ ଘାଣ୍ଟି ଚକଟି ଦେଉଛି । ଆଜି ତା'ର ମନେ ପଡ଼ୁଛି ଅତୀତ ଦିନର ସମସ୍ତ କଥା । ସେ ଜାଣେ—ସେ ମାତୃ ପିତୃ ହୀନ । କିନ୍ତୁ ସୋମନାଥ ବାବୁଙ୍କ ସ୍ନେହ ଆଦରରେ ସେ ସବୁ ଭୁଲି ଯାଇଥିଲା । କିନ୍ତୁ ଆଜି ହଠାତ୍ ଫରଣା ଠାରୁ ସେ ସବୁ କଥା ଶୁଣି ତାର ହୃଦୟରେ ଦାରୁଣ ଧକ୍କା ବାଜିଛି ମନଟା ଘାଣ୍ଟି ଚକଟି ଦେଉଛି ।

ଫରଣା ଝୁନାର ମୁଣ୍ଡଟିକୁ ଆଉଁସି ଆଉଁସି କହିଲା, "ଆପଣ ଭାରି ରାଗୀ । ଅଳ୍ପ କଥାକେ ରାଗି ଯାଉଛନ୍ତି—"

ଝୁନା ବିରକ୍ତ ହେଲ ପରି କହିଲା, "ମୁଁ କହୁଛି ପରା ତୁମେ ଚାଲିଯାଅ । ମୋତେ ଆଉ କଷ୍ଟ ଦିଅନା ।" ପଟରେ ମୁହଁ ବୁଲାଇ ଶୋଇଗଲା ।

ଫରଣା ସେପରି ଭାବେ ବସି କହିଲା, ମୁଁ "ଚାଲିଯିବି—କିନ୍ତୁ ଆପଣଙ୍କୁ ମୋର ଗୋଟାଏ ଅନୁରୋଧ । ପ୍ରକୃତରେ ଯଦି ତୁମେ ଦେଶ-ସେବକ, ଦୁଃଖୀର ଦୁଃଖ ଦୂର କରିବା ଯଦି ଜୀବନର ବ୍ରତ ବୋଲି

ମନେ କର, ତେବେ ମୀନାର ସରଳ ପ୍ରାଣରେ ଦୁଃଖ ଦେଇ କେଉଁ ଆଡ଼େ ଗୁଲି ଯିବନି" କହି ଝରଣା ଗୁଲିଗଲା ବାହାରକୁ ।

ଝୁନା ପଛରୁ ଡାକିଲା "ଝ…ର…ଣା !" କିନ୍ତୁ ଝରଣା ଆଉ ପଛକୁ ଫେରି ନଗୁହିଁ ଗୁଲିଗଲା ।

ଝୁନାର ଭାବନା ଫେରେ ଅନ୍ୟ ସ୍ରୋତରେ ଗତିକଲା । ମନେ ମନେ ଭାବିଲା ଝରଣା ଏପରି କହିବାର ଉଦ୍ଦେଶ୍ୟ କଣ ? ଦେଶ-ସେବକ, ଦୁଃଖୀର ଦୁଃଖ ଦୂର କରିବା, ଏ ସବୁର ଅର୍ଥ କଣ ? ତେବେ କଣ ସେ ଜାଣେ ମୁଁ ବିପ୍ଳବୀ ଯୁବକ ସଙ୍ଘର ସଭ୍ୟ ବୋଲି ? ଜାଣିଲା କିପରି ? ହଁ ସେ ଠିକ୍ କହିଛନ୍ତି । ଦୁଃଖୀର ଦୁଃଖ ଦୂର କରିବା ମୋ ଜୀବନର ବ୍ରତ । ମୀନା ମତେ ଆଦର କରେ, ସ୍ନେହ କରେ । ସେ କି ପ୍ରତି ବଦଳରେ ଗୁହେଁ ମୋ ଠାରୁ ଆଦର ସ୍ନେହ ।

ହଠାତ୍ ଝୁନା ଛାତ ଉପର ଦେଇ ଗଲା ସୋମନାଥବାବୁଙ୍କ ଶୟନକକ୍ଷକୁ । କବାଟ ଖୋଲି ଦେଖିଲା ମୀନା ତକିଆରେ ମୁହଁପୋତି ଧକେଇ ଧକେଇ କାନ୍ଦୁଛି । ଝୁନା ପାଖକୁ ଯାଇ ମୀନାର ମୁଣ୍ଡ ଉପରେ ଧୀରେ ଧୀରେ ହାତ ବୁଲାଇ ଡାକିଲା ମୀନା ।

ମୀନା ମୁହଁ ଉଠାଇ ଦେଖିଲା ତା'ର ଝୁନା ଭାଇ ଅତି ଆଦରରେ ଡାକିଲା "ଭା…ଇ"

ମୀନାର ଆଖିରେ ଲୁହ—ଅଧରରେ ହସ ।

ଝୁନା ବସିଗଲା ମୀନା ପାଖରେ । ମୀନା ପଗ୍ରୁରିଲା, "ଭାଇ ସତେ କଣ ତୁମେ ରାଗିଛ ?"

ଝୁନା ହସି ହସି କହିଲା, "ମୁଁ କଣ କେବେ କାହା ଉପରେ ରାଗେ । ଖାଲି ଦେଖେଇହବା ପାଇଁ ସିନା ରାଗେ ।"

ମୀନା ଅଭିମାନ କରି କହିଲା, "ସେହି ଝରଣାଟା ଭାରି ଦୁଷ୍ଟ । ନାହିଁ, ତୁମେ ତାକୁ ବାନ୍ଧି ଦିଅନି ।"

"ମୀନା—ଝରଣାର ହୃଦୟକୁ ତୁ ଚିହ୍ନିନୁ । ଅକାରଣରେ ତୁ କାହିଁକି ଗାଳି ଦେଉଛୁ ?"

ମୀନା ହସି ହସି ଅତି ଆତୁରରେ କଣ କହିବାକୁ ଚାହୁଁଥିଲା; କିନ୍ତୁ କିଛି କହି ପାରିଲା ନାହିଁ । ପାଟିରୁ କେବଳ ବାହାରି ପଡ଼ିଲା, "ମୋ ଝୁନା ଭାଇଟା ଭାରି ଭଲ ।"

# ସାତ

ତୁମ ଉପରେ ସେହି କାର୍ଯ୍ୟର ଭାର ଦେଇ ପ୍ରକୃତରେ ମୁଁ ମୂର୍ଖତାର ପରିଚୟ ଦେଇଛି । ଏହି ଭାର କାର୍ଯ୍ୟ କରିବାର ଯଦି ତୁମର ଶକ୍ତି ନାହିଁ, ତେବେ ଆଉ ତୁମେ କଣ କରି ପାରିବ ? ଗୋଟାଏ ଦସ୍ୟୁ ତୁମର କୋଠରୀ ଭିତରେ ପଶି ତୁମକୁ ଆକ୍ରମଣ କରିବାକୁ ଚେଷ୍ଟା କରୁଥିଲା, ଆଉ ତୁମେ ମୂକ ହୋଇ ବସି ରହିଥିଲ—

ଉତ୍ତ୍ୟକ୍ତ ଭାବେ ମୁସଲମାନ ବୁଢାଟି କହି ଗୁଲିଛି । ଝୁନା ଚୁପ୍ ଚୁପ୍ ବସି ସବୁ ଶୁଣୁଥାଏ । ବୁଢ଼ାଟି କଣ ଚିନ୍ତା କରି କୋଠରୀ ଭିତରେ ଜୋରରେ ପଦକ୍ଷେପ କରି ବୁଲୁଥାଏ । ଝୁନା କହିଲା ମୋ ହାତରେ ତ ରିଭଲଭର ନ ଥିଲା, ମୁଁ କଣ କରିଥାନ୍ତି ?

"ରିଭଲଭର ନ ଥିଲେ କଣ ତୁମ ଦେହରେ ରକ୍ତ ନ ଥିଲା ? ମୁଣ୍ଡରେ ବୁଦ୍ଧି ନଥିଲା ? ତୁମେ କଣ ଭାବିଛ ସବୁବେଳେ ତୁମେ ରିଭଲଭର ଧରି କେବଳ ସମସ୍ତ ବିପଦରୁ ରକ୍ଷା ପାଇଯିବ— ଅନେକ ସମୟରେ ନିଜ ଦେହର ରକ୍ତ, ମୁଣ୍ଡର ବୁଦ୍ଧି ଖର୍ଚ୍ଚ କରି ମଧ୍ୟ ରକ୍ଷା ପାଇବାକୁ ଚେଷ୍ଟା କରିବାକୁ ପଡ଼ିବ—ଆଚ୍ଛା, ସେ ଦ୍ୱିତୀୟ ଦସ୍ୟୁଟି କିଏ ? ତୁମକୁ ରକ୍ଷା କରିବାର ଉଦ୍ଦେଶ୍ୟ କଣ ?" ମୁସଲମାନ ବୁଢ଼ାଟି ଟିକିଏ ବିବ୍ରତ ହେଲା ପରି ଜଣା ପଡ଼ିଲା ।

ଝୁନା ଧୀରେ ଧୀରେ କହିଲା, ମୁଁ ତ କିଛି ଠିକ୍ ଭାବେ ଜାଣି ପାରୁନି । ମୁଁ ତ ଭାବିଥିଲି ଆପଣ........"

ନାଁ ସେ ଦ୍ୱିତୀୟ ବ୍ୟକ୍ତିଟି କିଏ ସେ ଖବର ମୁଁ ଖୋଜି ବାହାର କରିବି । ବୋଧହୁଏ, ସେ ଦ୍ୱିତୀୟ ବ୍ୟକ୍ତିଟି ଜମିଦାର ଘରୁ କାଗଜପତ୍ର ଚୋରି କରି ଆଣିଛି ।

ମୁସଲମାନ ବୁଢ଼ାଟି ଝୁନା ନିକଟକୁ ଆସି ଅତି ଦୃଢ଼ ସ୍ୱରରେ କହିଲା, "ହଁ ଶୁଣ, ଦ୍ୱିତୀୟ ଥର ପାଇଁ ମୁଁ ତୁମ ଉପରେ ଆଉ ଗୋଟାଏ କାର୍ଯ୍ୟର ଭାର ଦେଉଛି । ତୁମେ କରି ପାରିବ ତ ?"

"ହଁ ନିଶ୍ଚୟ କରିବି" ଅତି ଦୃଢ଼ ଭାବେ ଝୁନା କହିଲା ।

"କରି ପାରିବ ? ଅଚ୍ଛା, ତେବେ ଶୁଣ ଯେପରି ହେଉ ତିନି ଦିନ ଭିତରେ ସେହି ମୁକୁନ୍ଦପୁରର କଂଗ୍ରେସ ସେବକ ବିଦ୍ୟାଧରଙ୍କୁ ହତ୍ୟା କରିବାକୁ ପଡ଼ିବ ।"

ଏହି ଆଦେଶ ଶୁଣି ଝୁନା ବ୍ୟତିବ୍ୟସ୍ତ ହୋଇ ପଡ଼ିଲା । ଗୋଟାଏ ଦେଶସେବକ, ନିଷ୍ପାପର କଂଗ୍ରେସ କର୍ମୀକୁ ହତ୍ୟା କରିବାର ଉଦ୍ଦେଶ୍ୟ କଣ ? ଝୁନା ନୀରବ ରହିବାର ଦେଖି ମୁସଲମାନ ବୁଢ଼ାଟି କହିଲା, ମୁଁ ତୁମକୁ ତୁମର ସମସ୍ତ ଜୀବନ ଇତିହାସ କହି ଦେଉଛି । କିନ୍ତୁ ତୁମର ବାପ କିଏ ବା ମା କିଏ ମୁଁ କହିନି । ଆଜି ସବୁ କହିଦେବାକୁ ଚାହେଁ । —ତୁମର ମା ଥିଲା ଗୋଟାଏ ଭିକାରୁଣୀ । ଏହି ଯେଉଁ ବିଦ୍ୟାଧର କଥା କହିଲି ସେ ସେତେବେଳେ କର୍ମୀ ଭାବେ କାର୍ଯ୍ୟ କରିବାକୁ ପ୍ରଥମ ଥର ପାଇଁ ଯାଇଥିଲା ମୁକୁନ୍ଦପୁରକୁ । ସେତେବେଳେ ସେ ପ୍ରେମ କରିଥିଲା ଏହି ଭିକାରୁଣୀକି । ତୁମକୁ ମୁଁ କହୁଛି ମୁଁ ବହୁତ କିପରି ଆଦର କରୁଥିଲି ।

"ତେବେ ଆପଣ ସର୍ଦ୍ଦାର......"

"ହଁ ମୁଁ ସର୍ଦ୍ଦାର । ବର୍ତ୍ତମାନ ମୋ ନାଁରେ ଓ୍ୱାରଣ୍ଟ ବାହାରିଛି —ପୁରସ୍କାର ବି ଘୋଷଣା କରାଯାଇଛି । କିନ୍ତୁ ପ୍ରଥମେ ଶୁଣ ସେହି ବିଦ୍ୟାଧର ପ୍ରେମ କଲା ବିନ୍ଦୁକୁ । କିନ୍ତୁ ମୁଁ ଏହା ଜାଣିପାରି ବିନ୍ଦୁକୁ ସତର୍କ କରାଇ ଦେଲି । ଏହା ସେହି ବିଦ୍ୟାଧର ଜାଣିପାରି ମୋ ନାଁରେ ସରକାରଙ୍କଠାରେ ଖବର ଦେଲା ଯେ ମୁଁ ସେହି ମୁକୁନ୍ଦ-ପୁରରେ ଲୋକମାନଙ୍କୁ ମେଳି କରୁଛି ଜମିଦାରଙ୍କ ବିରୁଦ୍ଧରେ । ତେଣୁ ମୋତେ ଅଟକବନ୍ଦୀ ରୂପେ ରଖାଗଲା ଜେଲରେ । କିନ୍ତୁ ଦିନେ ହଠାତ୍ ମୁଁ ଜେଲରୁ ଖସି ଚାଲି ଆସିଲି । ମୁକୁନ୍ଦପୁରରେ ପହଞ୍ଚି ସିଧା ସିଧା ଗଲି ବିନ୍ଦୁର କୁଡ଼ିଆକୁ । ଦେଖିଲି ବିନ୍ଦୁ ଶୋଇଛି । ମୋତେ ଦେଖି ବିନ୍ଦୁ ଉଠି ବସିଲା ଏବଂ ମୋତେ କୁଣ୍ଢାଇ ଧରି ଭେଁ-ଭେଁ ହୋଇ ରଡ଼ିଲା······"

ଟୁନା ଦେଖିଲା ସର୍ଦ୍ଦାର ଆଖି ପୋଛୁଛନ୍ତି । ବୋଧହୁଏ ଅତୀତ ଦିନର ସେହି ସ୍ମୃତିଗୁଡ଼ିକ ଆଜି ତାଙ୍କର ପ୍ରାଣରେ ଦାରୁଣ ଦେଉଛି । ବୁଢ଼ା ଫେରେ କହି ଚାଲିଲା, ମୁଁ ସାନ୍ତ୍ୱନା ଦେବାକୁ ଚେଷ୍ଟା କଲି । କିନ୍ତୁ ଯେତେବେଳେ ଜାଣି ପାରିଲି ଯେ ବିନ୍ଦୁ ମା ହେବାକୁ ଯାଉଛି ମୋର କ୍ରୋଧର ସୀମା ରହିଲା ନାହିଁ ।

ସେହି ବିଦ୍ୟାଧରକୁ ହତ୍ୟା କରିବାକୁ ଉତ୍ୟକ୍ତ ଭାବେ କୁଡ଼ିଆ ଭିତରୁ ବାହାରି ପଡ଼ିଲି । କିନ୍ତୁ ବିନ୍ଦୁ ପଛରୁ ଡାକି କହିଲା ଯେ ସେହି ବିଦ୍ୟାଧର ଛ ମାସ ହେଲା କୁଆଡ଼େ ଚାଲି ଯାଇଛି—ତାର ଆଉ କୌଣସି ଖବର ନାହିଁ । ମୁଁ ହତାଶ ହୋଇ ପଡ଼ିଲି । କିନ୍ତୁ ନିଶ୍ଚୟ କଲି "ଦିନେ ନା ଦିନେ ନିଶ୍ଚୟ ତା'ର ପ୍ରତିଶୋଧ ନେବି । ସେତେବେଳେ ତୁମେ ଥିଲ ତୁମର ମା'ର ପେଟରେ······" କହି ମୁସଲମାନ ବୁଢ଼ାଟି ଚୁପ୍ ହୋଇଗଲା ।

ହୁନାର ଆଖି ଦୁଇଟି ଛଳ ଛଳ ହୋଇ ଆସୁଥାଏ । ସେ ଆଉ କିଛି ନ କହି ଚୁପ୍ ହୋଇ ବସି ରହିଲା ।

କିଛି ସମୟର ନୀରବତା ପରେ ମୁସଲମାନ ବୁଢ଼ାଟି କହି ଚାଲିଲା "ତାପରେ ତ ଯାହା ଯାହା ଘଟି ଯାଇଛି ମୁଁ ତୁମକୁ କହିଛି । ବର୍ତ୍ତମାନ ତୁମେ ସେହି ପ୍ରତିଶୋଧ ନେବାକୁ ପଡ଼ିବ ।"

"କିନ୍ତୁ ସେ ଯେ ମୋର ବାପ ।"

ହଁ ତା ବି ମୁଁ ଜାଣେ । କିନ୍ତୁ ସେ ବର୍ତ୍ତମାନ ବି ବହୁତ ନାରୀର ସର୍ବସ୍ୱ ଅପହରଣ କରୁଛି । ନାରୀ କର୍ମୀ ଭାବେ ରଖି ସତୀତ୍ୱ ନେଉଛି । ତାକୁ ଏହି ପାପ ଲାଳସା ପୂର୍ଣ୍ଣ କରିବାରେ ସାହାଯ୍ୟ କରୁଛି ସେହି ଜମିଦାର । ସେ ବାପ ହେଉ ବା ଯେ କେହି ହେଉ, ଯେତେବେଳେ ପାପ କାର୍ଯ୍ୟ କରେ ସେ ଦେଶର ଶତ୍ରୁ । ସରକାର ବି ଏହା ଜାଣି ପାରି ନାହାନ୍ତି । ବର୍ତ୍ତମାନ ଗୁଇନ୍ଦା ତା'ପଛରେ ଲାଗିଛନ୍ତି । ସବୁ ଖବର ବାହାର କରିବେ । କିନ୍ତୁ ସେମାନଙ୍କୁ ମୁଁ ଦେବାକୁ ଇଚ୍ଛା କରେନି' ବିଦ୍ୟାଧରକୁ ଜୀବିତ ଅବସ୍ଥାରେ । ଦେଖ, ଏହି ଚିଠିଟି ରଖିଥାଅ । ଏଥିରେ ବିଦ୍ୟାଧରର ସମସ୍ତ ଇତିହାସ ଲେଖା ହୋଇ ରହିଛି ତୁମେ ତାକୁ ହତ୍ୟା କରି ସାରିବା ପରେ ଏହି ଚିଠିଟି ତା ନିକଟରେ ପକାଇ ଦେଇ ଚାଲି ଆସିବ । ତାହାହେଲେ ସରକାର ଠିକ୍ ଭାବେ ତାର ପ୍ରକୃତ ରୂପ ଜାଣି ପାରିବେ ।

"ନିଶ୍ଚୟ ପ୍ରତିଶୋଧ ନେବି ।"

'କିନ୍ତୁ ବେଶ୍ ହୁସିଆରରେ କାର୍ଯ୍ୟ କରିବାକୁ ପଡ଼ିବ । ତା'ର ବହୁତ ଲୋକ ତା' ନିକଟରେ ଜଗି ରହିଛନ୍ତି ।'

"ହଁ, ମୁଁ ଠିକ୍ ଭାବେ କରିଦେବି ।'

"କିନ୍ତୁ ଶୁଣ ଯଦି ଧରାପଡ଼ ମୋର ନାମ ଆଦୌ ପ୍ରକାଶ କରିବନି । ଯଦି ପ୍ରକାଶ କରିବା ପାଇଁ ଚେଷ୍ଟା କର ତେବେ ତୁମେ ଯେ କୌଣସି ସ୍ଥାନରେ ଥାଅ ପଛେ କ, ସର୍ଦ୍ଦାର ରିଭଲଭର ଗୁଳି ଠିକ୍ ଭାବେ ଚଳିପାରିବ ।"

ଝୁନା ଆଶ୍ଚର୍ଯ୍ୟ ହୋଇ ଶୁଣୁଥାଏ । କେତେ ନିଷ୍ଠୁର ! 'ଲକ୍ଷ୍ୟର ସାଧନ ପାଇଁ ନିଜ ଲୋକଙ୍କର ବି ପ୍ରାଣ ନେବାକୁ ପଛଘୁଞ୍ଚା ଦିଏନି ।'

ତାପରେ ଝୁନା ଯାଇ ଦ୍ୱାର ବନ୍ଦ କରି ଆସିଲା । ସେତେବେଳକୁ ସେହି ଅନ୍ଧକାରରେ ସର୍ଦ୍ଦାର କେଉଁଆଡେ ଉଭେଇ ଯାଇଥିଲା ।

× × ×

ମୁକୁନ୍ଦପୁର ସେବାଶ୍ରମ କୁଟୀର । ରାତି ପ୍ରାୟ ଦଶଟା ହେବ । କୁଟୀର ଭିତରେ ଛୋଟ ଲଣ୍ଠନଟିଏ ମିଟି ମିଟି ହୋଇ ଜଳୁଛି । ବିଦ୍ୟାଧରବାବୁ ଗମ୍ଭୀର ହୋଇ ଆସନ ଉପରେ ବସିଛନ୍ତି । ଅତି ନିକଟରେ ବସିଛନ୍ତି ଆଉ ଦୁଇଜଣ କର୍ମୀ—ଜଣେ ପୁରୁଷ ଓ ଜଣେ ନାରୀ । କିଛି ସମୟର ନୀରବତା ଭଙ୍ଗ କରି ବିଦ୍ୟାଧରବାବୁ କହିଲେ "ମୁଁ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନଥିଲି ତୁମେ ନିରାଶ ହୋଇ ଫେରି ଆସିବ ବୋଲି ।"

ପୁରୁଷ କର୍ମୀଟି ମୁଣ୍ଡ ପୋତି ବସିଥାଏ ।

ବିଦ୍ୟାଧର ବାବୁ କହିଲେ 'ଯାହା ହେବାର ତ ହୋଇ ଗଲା । କିନ୍ତୁ ଆମକୁ ଜାଣିବା ନିତାନ୍ତ ଦରକାର ସେହି ଦ୍ୱିତୀୟ ବ୍ୟକ୍ତିଟି କିଏ, ଯେ ସେହି ଝୁନାକୁ ରକ୍ଷା କରିବା ପାଇଁ ଚେଷ୍ଟା କଲା ? ଆଚ୍ଛା ସେ ଖବର ମୁଁ ନିଜେ ଅନୁସନ୍ଧାନ କରିବି । କିନ୍ତୁ ତୁମେ ଯେପରି

ହେଉ କାଲି ରାତି ଭିତରେ ଟୁନାକୁ ଶେଷ କରି ଦେବାକୁ ହେବ । କଣ ପାରିବ ତ ?"

"ହଁ ନିଶ୍ଚୟ ପାରିବି—ବର୍ତ୍ତମାନ ଦେଖିବ କିପରି ସେ ମୋ ରିଭଲଭର ଅଗରୁ ଫିଟି ଚାଲିଯିବ ।"

'ସାବାସ, ଅଚ୍ଛା ବର୍ତ୍ତମାନ ତୁମେ ଯାଇପାର ।' ହସି ହସି ବିଦ୍ୟାଧର ବାବୁ କହିଲେ । ତାପରେ ସେହି ପୁରୁଷ କର୍ମୀଟା ଚାଲିଗଲା ।

ନାରୀ କର୍ମୀକି ଲକ୍ଷ୍ୟ କରି ବିଦ୍ୟାଧର ବାବୁ କହିଲେ— "ରେବା କବାଟ ବନ୍ଦ କରି ଦିଅ ।"

ଗୋଟାଏ ପନ୍ଦର ଷୋଳ ବର୍ଷର ଯୁବତୀ କବାଟ ବନ୍ଦ କରି ଆସି ବିଦ୍ୟାଧର ବାବୁଙ୍କ ନିକଟରେ ବସିଗଲା । ବିଦ୍ୟାଧର ବାବୁ ରେବାକୁ ଟାଣି ନେଇ ଗଲେ ନିଜର କୋଳ ଉପରକୁ । ରେବା ବିଦ୍ୟାଧରବାବୁଙ୍କ କୋଳରେ ମଥା ଦେଇ ଶୋଇ ପଚାରିଲା, "ଆପଣ ସେହି ଦ୍ୱିତୀୟ ବ୍ୟକ୍ତିଟା ବିଷୟ ନେଇ କଣ ଅନୁମାନ କରୁଛନ୍ତି ?"

"ମୋର ଅନୁମାନରେ ସେହି ଦ୍ୱିତୀୟ ବ୍ୟକ୍ତିଟା ନିଶ୍ଚୟ ସେହି ସର୍ଦ୍ଦାର । କାରଣ ତା ଛଡ଼ା ଟୁନାକୁ ରକ୍ଷା କରିବାକୁ ଆଉ କାହାର ସାହସ ନାହିଁ । ଅଚ୍ଛା ରେବା—ତୁମକୁ ଗୋଟାଏ କାର୍ଯ୍ୟ କରିବାକୁ ପଡ଼ିବ ।"

"ମୁଁ କଣ ଆପଣଙ୍କ ଆଦେଶ କେବେ ଅବମାନନା କରିଛି ?"

ବିଦ୍ୟାଧର ବାବୁ ରେବାର କୋମଳ ଗାଲରେ ଚୁମାଟିଏ ଦେଇ କହିଲେ—ସେଇଥି ପାଇଁ ପରା ସମସ୍ତଙ୍କ ଠାରୁ ତୁମକୁ ମୁଁ ବେଶି ସ୍ନେହ କରେ । କାର୍ଯ୍ୟଟା ସେମିତି କିଛି ଗୁରୁତର ନୁହେଁ । ମୁଁ ଶୁଣି ପାରିଲି ବ୍ରହ୍ମପୁରର ଏଡ଼ଭୋକେଟ୍ ଦାଶଙ୍କର ଝିଅ ନିରଣା ଆସି

ଛତ୍ରପୁରର ସେହି ଓକିଲଙ୍କ ଘରେ ଅଛି । ସମସ୍ତଙ୍କ ମୁଖରୁ ଶୁଣି ପାରୁଛି ସେ ଭାରି ସୁନ୍ଦରୀ ଏବଂ ଚଲାକ୍ ବି । ତେଣୁ......"

ରେବାର ମୁଖଟା କପଟ୍ ଗମ୍ଭୀର ଦେଖାଗଲା । କିନ୍ତୁ ପର-କ୍ଷଣରେ ଅଳ୍ପ ହସିବାକୁ ଚେଷ୍ଟା କରି କହିଲା, "ଏଇଥି ପାଇଁ ଗୋଟାଏ ଚିନ୍ତା । ଫୁଟିକି ମାରିଲା ପରି ନେଇ ଆସିବି ହରଣୀକୁ ଆପଣଙ୍କ କୋଳକୁ ।"

କୁଟୀରର ଲାଇଟ୍ ଲିଭିଗଲା । ରେବା ଓ ଦେଶପ୍ରେମୀ ବିଦ୍ୟାଧର ବାବୁ ଶୋଇପଡ଼ିଲେ ଛାଡ଼ିକୁଡ଼ି ହୋଇ । କିଛି ସମୟ ପରେ ବିଦ୍ୟାଧର ବାବୁ ଡାକିଲେ—'ରେବା', "ତୁମେ ବର୍ତ୍ତମାନ ଚାଲିଯାଅ ତୁମର କୁଟୀରକୁ । ହଁ ସେହି ପଦ୍ମାକୁ ଟିକିଏ ଏଠିକି କହିଦେବ ।"

ରେବା ଉଠି ଚାଲିଗଲା । କିଛି ସମୟ ପରେ କୁଟିର ଭିତରକୁ ଚାଲି ଆସିଲା ପଦ୍ମା । ଚାରିଆଡ଼େ ଅନ୍ଧାର । କିଛି ଦେଖାଯାଉ ନ ଥାଏ । କୁଟୀର ଦ୍ୱାର ଧଡ଼ କରି ବନ୍ଦ ହୋଇଗଲା ।

ବିଦ୍ୟାଧର ବାବୁ ଡାକିଲେ, "ପଦ୍ମା ।"

"ଜୀ" ।

ଏଠିକି ଆସ—ତା ପରେ ସେପରେ ନିଶବ୍ଦ ।

# ଆଠ

ତାପର ଦିନ ସନ୍ଧ୍ୟା ଚାରିଟା ବାଜି ଗଲାଣି । ଝୁନା ଶିଘ୍ର ଶିଘ୍ର ନିଜର କାର୍ଯ୍ୟ ଶେଷ କରି ଡାକ୍ତରଖାନା ଦ୍ୱାର ବନ୍ଦ କରି ଦେଲା । କମ୍ପାଉଣ୍ଡର ଚାଲିଗଲା । ଝୁନା ଆସିଲା ତା'ର ଶୋଇବା କୋଠରୀକୁ । ଆଜି ମନଟା ତା'ର ବିବ୍ରତ ହୋଇ ପଡ଼ୁଛି । କେତେ କଣ ଭାବନା ମନଟିକୁ ତାର ବ୍ୟତିବ୍ୟସ୍ତ କରି ପକାଉଛି ।

କିନ୍ତୁ ଆଶ୍ଚର୍ଯ୍ୟ ହୋଇ ଦେଖିଲା ଟେବୁଲ୍ ଉପର ସମସ୍ତ ବହି ବିଛୁଡ଼ି ହୋଇ ଏଣେତେଣେ ପଡ଼ିଛି । ଝୁନା ଆଶ୍ଚର୍ଯ୍ୟ ହୋଇ ଦୌଡ଼ି ଗଲା ଟେବୁଲ ନିକଟକୁ । କିଏ ତାର ବହି ପତ୍ର ଓଲଟ ପାଲଟ କରିଛି ? କିଏ ସେ ତାର ବିନାନୁମତିରେ ଆସିଥିଲା ତାର କୋଠରୀ ଭିତରକୁ ? ତରବର ହୋଇ ସେ ଟେବୁଲର ଗୁପ୍ତ ଡ୍ରୟର ଖୋଲିଲା । ଆଶ୍ଚର୍ଯ୍ୟ ହୋଇ ଦେଖିଲା କେବଳ ଗୋଟାଏ ପିସ୍ତଲ ଅଛି । ଅନ୍ୟଟି କିଏ ସେ ନେଇ ଚାଲି ଯାଇଛି ।

ଝୁନା ରାଗ ତମ ତମ ହୋଇ ଚାଲିଲା ଉପରକୁ । ସେଠୁ ସିଧା ସିଧା ମୀନାର କୋଠରୀକୁ । ଦେଖିଲା ସୋମନାଥ ବାବୁ ଏବଂ ମୀନା ଗମ୍ଭୀର ହୋଇ ବସିଛନ୍ତି । ଝୁନାକୁ ଲକ୍ଷ୍ୟ କରି ସୋମନାଥବାବୁ କହିଲେ, "ବସ ।"

ଝୁନା ନିଜର ଅସ୍ଥିରତାକୁ ସଂଯତ କରି ବସିଗଲା ମୀନା ନିକଟରେ । କିନ୍ତୁ ଇଚ୍ଛା ହେଉଥାଏ ପଚାରି ଦେବାକୁ ସେ ତାର ପିସ୍ତଲ କାହିଁକି ଆଣିଛି ? କିନ୍ତୁ କଣ କରିବ—ସବୁ କଥା ଧରା ପଡ଼ିଯିବ ।

ସୋମନାଥ ବାବୁ କହିଲେ—'ତତେ ମୁଁ ଅନେକ ଦିନରୁ କହୁଛି ଏହି ଘରେ ରାତିରେ ରହ ବୋଲି । ତଥାପି ହେଥିପ୍ରତି ଧ୍ୟାନ ଦେଉନୁ ।'

ଟୁନା ଚୁପ୍ ହୋଇ ବସି ସବୁ ଶୁଣୁଥାଏ । ସେ ଜାଣି ପାରିଲା ଯେ ସେ ଦିନ ରାତି ଯେଉଁ ଘଟଣା ଘଟିଯାଇଛି ସେହି ବିଷୟ ନେଇ ସେ କହୁଛନ୍ତି ।

ସୋମନାଥ ବାବୁ ଫେରେ କହିଲେ, "ଆଚ୍ଛା ଯାହା ହେବାର ତ ହେଲାଣି । ଆଉ ତୁ ସେ ଘରେ ରାତି ରହିନି । ଏ ଘରେ ଶୋଉଥା—ଦିନଯାକ ସେଠି କାର୍ଯ୍ୟ କରୁଥା—"

ନାହିଁ ରାତି ଯଦି ରୋଗୀ ଆସେ ତେବେ ଅସୁବିଧା ହେବ···

"ଅସୁବିଧା ହେବ କଣ ! ଏଠି ଆସି ଡାକିବ, ତୁ ଉଠି ଯିବୁ ।"

"ଆଚ୍ଛା କାଲିଠୁ ଏଠି ଶୋଇବି ।"

"କାହିଁକି ଆଜି କଣ ହେଲା···"

"ନାହିଁ······" ଚୁପ୍ ରହିଗଲା ଟୁନା ।

"ହଉ ଶିଘ୍ର ଶିଘ୍ର ତୋର ସମସ୍ତ ଜିନିଷ ଏଠିକି ନେଇଆସେ । କାଲିଠୁ ଏଠି ରହିବୁ । ତୁ ତ ଜାଣିଛୁ ଗୁହିଆଡ଼େ କପରି ଉତ୍କୋଇତ ଚାଲିଛି । କେତେବେଳେ କଣ ଘଟିବ । ମୁଁ ତ ସବୁବେଳେ ଘରେ ରହୁନି । ମୀନା ଏକଲା ରହୁଛି । ତେଣୁ ତୁ ରହିବା ଉଚିତ ନୁହେ ······କହି ସୋମନାଥ ବାବୁ ଚାଲିଗଲେ ।

ମୀନା କହିଲା—"ଶୁଣିଲ ? ମୁଁ କହିଲେ ସିନା ମନ ମାନୁ ନ ଥିଲା, ଏବେ······"

ଝୁନା ତରତର ହୋଇ ପଚାରିଲା, "ମୀନା ! ଆଜି ତୁ ମୋର କୋଠରୀକୁ ଯାଇଥିଲୁ ?"

"କାହିଁ ନାହିଁ ତ !"

"ସତ କହ । ମୋତେ ଲୁଚାଇବା ପାଇଁ ଚେଷ୍ଟା କରନା ।"

ଆରେ—ମିଛ କାହିଁ କହିବି ମ ?—ମୁଁ ତ କାହିଁ ଆଜି ଯାଇନି, ଯାଇଥିଲେ କଣ ତୁମ ସନ୍ଧୁତ କଥା ହୋଇ ନ ଥାନ୍ତା ।"

"ତେବେ ଆଉ କିଏ ଯାଇଥିଲା ?"

"କାହିଁକି, କଣ ହେଲା କି ?"

"ନାହିଁ ମୋର ବହି ପତ୍ର କିଏ ଏଣେ ତେଣେ କରି ଦେଇଛି ଯେ……"

ଓଃ, ଏଇଥି ପାଇଁ । ହେଲେ କଣ ହେଲା ? ଠିକ୍ କରି-ଦେଉନ ।"

ଝୁନା ଆଉ କିଛି କହି ପାରିଲା ନାହିଁ । କହିଲେ ସବୁ କଥା ଧରା ପଡ଼ିଯିବ । ମୀନା ନିଶ୍ଚୟ ପଚାରିବ ସେ ପିସ୍ତଲ କେଉଁଠୁ ପାଇଲେ । କାହିଁକି ରଖିଥିଲେ ଇତ୍ୟାଦି ଇତ୍ୟାଦି । ତେଣୁ ଚୁପ୍ ଚାପ୍ ଉଠି ଚାଲିଗଲା ନିଜ କୋଠରୀକୁ ଛାତ ଉପର ଦେଇ ।

ବିଛଣା ଉପରେ ପଡ଼ି କେତେ କଣ ଭାବିଗଲା । ମନଟା ଆଜି ତାର ସ୍ଥିର ହୋଇ ରହୁନି । ଉଠୁଛି ପେଟରେ ଶୋଉଛି । କଣ କରିବ ?

କିଏ ତା'ର ପିସ୍ତଲ ନେଲା ? କିଏ ଜାଣିଲା ତାର ଗୁପ୍ତ ଭିତରେ ପିସ୍ତଲ ଅଛି ବୋଲି ? ନେଲା ଯଦି ଗୋଟାଏ ନେଲା

କାହିଁକି ? ଏପରି କେତେ କଣ ଭାବନା ମନଟାକୁ ତାର ଘାଣ୍ଟି ଚକଟି ଦେଲା ।

ଫେରେ ତାକୁ ଆଜି ଗୋଟାଏ ଗୁରୁତର କାର୍ଯ୍ୟ କରିବାକୁ ପଡ଼ିବ । ଦେଶସେବକ ବିଦ୍ୟାଧର ବାବୁଙ୍କ ହତ୍ୟା—କଣ କରିବ । ଆଜି ଯିବ ନା ନାହିଁ କିଛି ସ୍ଥିର କରିପାରିଲା ନାହିଁ । ଆଜି ଯଦି ନ ଯାଏ ତେବେ ଆଉ ଯାଇପାରିବ ନାହିଁ । କାଲିଠୁ ତ ସେ ଯାଇ ରହିବ ସେହି ଘରେ । ନାଁ ଆଜି ନିଶ୍ଚୟ ଯିବ । ଯେପରି ହେଉ ଆଜି ରାତି ଭିତରେ ସବୁ କାର୍ଯ୍ୟ କରିବାକୁ ପଡ଼ିବ ।

ଶେଷରେ ଉଠିଲା ବିଛଣାରୁ । ଗୁପ୍ତ ଡ୍ରୟରରୁ ପିସ୍ତଲ ବାହାର କରି ପରୀକ୍ଷା କଲା ।......

× × ×

ସନ୍ଧ୍ୟା ସାଞ୍ଜଟା ବାଜିଗଲାଣି । ଦିବା କାର୍ଯ୍ୟ ସାରି ରବି ବୁଡ଼ି ବୁଡ଼ି ଆସୁଛନ୍ତି ଦୂର ନୀଳ ଆକାଶ ଭିତରେ । ଚତୁର୍ଦ୍ଦିଗେ କନକ କିରଣ ଏକ ଅପୂର୍ବ ଶୋଭାରେ ଶୋଭିତ କରୁଛନ୍ତି ପ୍ରକୃତି ରାଜ୍ୟକୁ । ପକ୍ଷୀମାନେ ଦଳ ଦଳ ହୋଇ ଫେରି ଯାଉଛନ୍ତି ଯେ ଯାହା ନୀଡ଼ ଦିଗେ । ଛତ୍ରପୁର ଠାରୁ ଏକ ମାଇଲ ପରେ ଝାଉଁ ବଗିଚା । ପବନ ଆଘାତରେ ସାଇଁସାଇଁ ଶବ୍ଦ ହେଉଛି । ଦୂରରୁ ଦେଖାଗଲା ଗୋଟାଏ କାର ଛୁଟି ଆସୁଛି ଛତ୍ରପୁର ଦିଗୁ । ପଚ୍ଚୁ ରଙ୍ଗର, ପଛପଟେ ଧୂଳି ସର ସର ହୋଇ ଉଡ଼ି ଯାଉଛି ।

କାର ଭିତରେ ବସିଛନ୍ତି ଝରଣା ଏବଂ ପଦ୍ମା ପଛ ସିଟ୍‌ରେ, ଆଗ ସିଟ୍‌ରେ ଡ୍ରାଇଭର । ଝରଣା ଯାଉଛି ମୁକୁନ୍ଦପୁର ସେବାଶ୍ରମ ଦେଖିବାକୁ ପଦ୍ମାର ଅନୁରୋଧରେ । ଆଜି ଝରଣାର ମନରେ ଭାରି ଆନନ୍ଦ । ଖୋଲା ବାୟୁମଣ୍ଡଳ ଆଜି ତାର ମନରେ ବେଶ୍ ତୃପ୍ତି

ଦେଇପାରୁଛି । ଝରଣା ଦୁଇପଟେ ଥିବା ଝାଉଁ ବଗିଚାକୁ ଚାହିଁ ଚାହିଁ ଚାଲିଛି । ଅଳ୍ପ ଅଳ୍ପ ଅନ୍ଧାରୁଆ ହୋଇ ଆସିଲାଣି । ଲୋକବାକ ନେହି ଦେଖାଯାଉ ନ ଥାନ୍ତି ରାସ୍ତା ଉପରେ । ହଠାତ୍ କାର୍ ଟି ଚୁକିଲା ଗୋଟାଏ ଝାଉଁ ବଗିଚା ଭିତରକୁ । ସେହି ଭିତର ଦେଇ ଚାଲି-ଯାଇଛି ଅତି ସରୁ ରାସ୍ତାଟିଏ । ବୋଧହୁଏ ଶଗଡ଼ ଯିବା ଆସିବା ରାସ୍ତା । କାରର ଗତି ମନ୍ଥର ହୋଇଗଲା । କିନ୍ତୁ ଡ୍ରାଇଭର୍ ଅଭ୍ୟସ୍ତ ଥିବା ଯୋଗୁଁ ଠିକ୍ ଭାବେ ନେଇ ପାରୁଛି । ସେହି ରାସ୍ତାଟି ଯାଇଛି ମୁକୁନ୍ଦପୁରକୁ । ଆଉ ଦୁଇ ମାଇଲ ପରେ ମୁକୁନ୍ଦପୁର ।

ବର୍ତ୍ତିମାନ ଆଉ ରାସ୍ତା ଦେଖା ଗଲାନି । ଡ୍ରାଇଭର୍ କାରର୍ ସାମନା ଲାଇଟ୍ ଲଗାଇ ଦେଲା । ଅତି ଧୀରରେ କାର ଗତି କଲା । ବର୍ତ୍ତିମାନ ଝରଣାର ପ୍ରାଣ ଥରିବାକୁ ଆରମ୍ଭ କଲା । କେତେହେଲେ ତ ଅବଳା—ପ୍ରତି ମୁହୂର୍ତ୍ତିରେ ବିପଦର କଳ୍ପନା ମନ ଭିତରେ ଖେଳିଗଲା । ପଦ୍ମା ବସିଛି ଗୋଟାଏ କଡ଼େ । ହଠାତ୍ କାର ବନ୍ଦ ହୋଇଗଲା ।

ଝରଣା ଜାଣିପାରିଲା ଯେ ବିପଦ ସମ୍ମୁଖରେ । ତେଣୁ ପ୍ରସ୍ତୁତ ହୋଇ ପଚାରିଲା—"ଏଠି କାହିଁକି ଗାଡ଼ି ବନ୍ଦ କଲ ?"

ପଦ୍ମା ହସି ହସି କହିଲା, "ଏପରି ଭୟ କରୁଛନ୍ତି କାହିଁକି ? ଅଳ୍ପ ଅପେକ୍ଷା କରନ୍ତୁ ।" ଝରଣା ଉତ୍ତ୍ୟକ୍ତ ଭାବେ ପଚାରିଲା, 'ତୁମର ଉଦ୍ଦେଶ୍ୟ'......

ବ୍ୟଙ୍ଗ ଭାବରେ ପଦ୍ମା କହିଲା—"ଉଦ୍ଦେଶ୍ୟ ଆଉ କଣ ? ସତେ ଝରଣା ତୁମେ ଭାରି ସୁନ୍ଦର । ବାସ୍ତବିକ ସୁନ୍ଦରୀ ସ୍ତ୍ରୀର ସବୁଠାରେ ଜୟ । ତୁମକୁ ଯେ ପାଇବ ସେ କେତେ ଭାଗ୍ୟବାନ......"

"ପ୍ର—ଦ୍ମା" ଉତ୍ୟକ୍ତ ଭାବେ ଝରଣାର ପାଟିରୁ ବାହାରି ପଡ଼ିଲା ।

ପଦ୍ମା କାରରୁ ଓହ୍ଲାଇ ଯାଇ ଝରଣାକୁ କହିଲା, "ଚାଲ ଆସନ୍ତୁ ବାହାରକୁ । ବର୍ତ୍ତମାନ ପ୍ରେମ-ରାଜ୍ୟକୁ ଯିବେ—ଭୟ କଣ ?"

ପଦ୍ମା ଝରଣାର ହାତ ଟାଣି ପଦାକୁ ବାହାର କରି ଦେଲା । ଝରଣା ବାହାରକୁ ଯେମିତ ଆସିଛି, ପଦ୍ମା ଫଟ୍ କରି ଗାଡ଼ି ଭିତରକୁ ପଶିଗଲା ଏବଂ ଅତି କ୍ଷିପ୍ର ଗତିରେ କାର୍ ଛୁଟି ଚାଲିଗଲା ଆଗକୁ ଝରଣାକୁ ସେହି ନିର୍ଜନତାର କୋଳ ଭିତରେ ଏକଲା ଛାଡ଼ି ।

ଝରଣାର ସାହସ କମ୍ ନୁହେଁ । ସେ ହଠାତ୍ ଝାଉଁ ବଗିଚା ଭିତରକୁ ପଶିଯିବାକୁ ଯାଉଛି, ଦୁଇଜଣ ଲୋକ ଆସି ଠିଆ ହୋଇଗଲେ ତା'ର ସାମନାରେ । ଝରଣା ଅତି ଜୋର ପାଟିରେ ପଚାରିଲା—"କିଏ ସେ ତୁମେ ?"

ଲୋକ ଦୁଇଟା ହସି ହସି ଚାଲି ଆସିଲେ ଝରଣା ନିକଟକୁ । ସେଥିରୁ ଜଣେ ଝରଣାକୁ କୁଣ୍ଢାଇ ପକାଇଲା । କିନ୍ତୁ ହଠାତ୍ ଝରଣାର ପିସ୍ତଲ ଗର୍ଜି ଉଠିଲା 'ଗୁଡ଼ୁମ୍' କରି, ସଙ୍ଗେ ସଙ୍ଗେ ଲୋକଟା ତଳେ ଗଡ଼ି ପଡ଼ିଲା ।

ଅନ୍ୟ ଲୋକଟା ଗର୍ଜି ଉଠି କହିଲା, "ପିଶାଚୀ ! ଏତେ ସାହସ ତୋର !"

ହଠାତ୍ ଗୁଡ଼ୁମ୍ ଗୁଡ଼ୁମ୍ କରି ଦୁଇଟା ପିସ୍ତଲ ଏକ ସମୟରେ ଗର୍ଜି ଉଠିଲା । ଦୁଇଟି ଶରୀର ଧୁମ୍ କିନା ତଳେ କଚାଡ଼ି ହୋଇ ପଡ଼ିଗଲା ।

କିଛି ସମୟ ପରେ ଅତି କ୍ଷିପ୍ର ଗତିରେ ଛୁଟି ଆସିଲା ଗୋଟାଏ ନୀଳ ରଙ୍ଗର ଗାଡ଼ି ମୁକୁନ୍ଦପୁର ହାଟୁ । ଗାଡ଼ି ହଠାତ୍ ବନ୍ଦ

ହୋଇଗଲା । ସେଥିରେ ଆଉ କେହି ନାହାନ୍ତି, ଅମର ପୂର୍ବ ପରିଚିତ ପଦ୍ମା ଏବଂ ଡ୍ରାଇଭର୍ । ପଦ୍ମା ତରବର ହୋଇ ଗାଡ଼ିରୁ ଓହ୍ଲାଇ ଗଲା । ଡ୍ରାଇଭର୍ ବି ତାର ପଛେ ପଛେ ।

ପଦ୍ମା ଅଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା ଡ୍ରାଇଭର୍‌କୁ । ଡ୍ରାଇଭର୍ କହିଲା, "ଚାହୁଁଛ କଣ ? ଶିଘ୍ର ଶିଘ୍ର ସବୁ ଗୁଡ଼ାକୁ ଟେକି ଟାଡ଼ିରେ ପକାଅ ।" ଦୁଇ ଜଣ ମିଶି ତନୋଟି ଯାକ ଶବକୁ କାରରେ ପକାଇଲେ । ତା ପରେ କାର୍ ଛୁଟି ଚାଲିଲା ସମୁଦ୍ର ବେଲାକୁ ।

# ନଅ

ରାତି ସାଢ଼େ ଏଗାରଟା ହେବ । ସୋମନାଥ ବାବୁଙ୍କ ବଙ୍ଗଳାର ସମସ୍ତ ଲାଇଟ୍ ଲିଭି ଗଲାଣି । କେବଳ ଗୋଟାଏ ଡିମ୍ ନୀଳ ବାଲ୍ବ ଜଳୁଛି ଟୁନାର ଶୟନ କକ୍ଷରେ । ଆଜି ଟୁନାର ମନଟା ସ୍ଥିର ହୋଇ ରହୁନି । କିପରି ଗୋଟାଏ ହାଲ୍କା ହାଲ୍କା ଅନୁଭବ କରୁଛି । ସତେ ଯେପରି କି ତା'ର ମୁଣ୍ଡଟା ଆଉ କେହି ନେଇ ଯାଉଛି । ମନରେ ଭାବନାର ଢେଉ ଯେତେବେଳେ ଚଞ୍ଚଳ ହୋଇ ଉଠେ ସେତେବେଳେ ଜଣା ପଡ଼େ ଯେପରିକି ମୁଣ୍ଡ ଭିତରଟା ଖାଲି ହୋଇ ଯାଉଛି ।

ଆଜି ରାତିଟା ଟୁନାର ଜୀବନ ମରଣ ସମସ୍ୟାର ସମାଧାନ କରିବ । ଟୁନା ହାତର ଘଡ଼ିକୁ ଚାହିଁ ଦେଖିଲା ବାରଟା ବାଜି ଗଲାଣି । ତେଣୁ ତରବର ହୋଇ କଳା କାମିଜ୍‌ଟା ଦେହରେ ଗଳାଇ ପକେଟ୍‌ରେ ହାତ ମାରି ଦେଖେ ସେହି ମୁସଲମାନ ବୁଢ଼ା ଦେଇ-ଥିବା ଚିଠିଟି ନାହିଁ । ମୁଣ୍ଡ ଭିତରଟା ତାର ଧଡ଼ ଧଡ଼ ହୋଇଗଲା । ପିସ୍ତଲ ସଙ୍ଗେ ସଙ୍ଗେ ଚିଠିଟା ବି କିଏ ନେଇ ଯାଇଛି । କଣ କରିବ କିଛି ଭାବି ପାରିଲା ନାହିଁ । ଶେଷରେ ଯାଇ ଖଟ ଉପରେ ପଡ଼ିଗଲା । ମନଟା ଭିତରେ ଅତି ଭୀଷଣ ଭାବେ ବହି ଯାଉଛି ଭାବନାର ଝଡ଼ ତୋଫାନ । ଦେହରୁ ଗମ୍ ଗମ୍ ଝାଳ ବୋହିଯାଉଛି ।

ହଠାତ୍ ବାହାରେ ଶୁଣିଲା କିଏ ଡାକୁଛି "ଡାକ୍ତର ବାବୁ, ଡାକ୍ତର ବାବୁ ।"

ସ୍ୱର ବାରି ପାରି ଝୁନା ଜାଣିଲା ଯେ ସେହି ମୁସଲମାନ ବୁଢ଼ାଟି । ପୋଷାକଟା ଉତାରି ଦେଇ କବାଟଟା ଖୋଲି ଦେଲା । ମୁସଲମାନ ବୁଢ଼ାଟି ତରବର ହୋଇ ଭିତରେ ପଶିଗଲା । ଝୁନା ହଠାତ୍ କବାଟ ବନ୍ଦ କରି କହିଲା, "କଣ ହେଲା ? ଏପରି ବ୍ୟସ୍ତ କାହିଁକି ଦେଖା ଯାଉଛନ୍ତି ?"

ମୁସଲମାନ ବୁଢ଼ାଟି ତରବର ହୋଇ କହିଲା—"ମୋ ପଛରେ ପୋଲିସ୍ ଲାଗିଛନ୍ତି—ମୋତେ କେଉଁଠି ଲୁଚାଇ ରଖ ।"

ଝୁନା ତା'ର ଆଲମାରି ଖୋଲି ଦେଲା । ସେଥି ଭିତରେ ମୁସଲମାନ ବୁଢ଼ାଟି ଜାକିଜୁକି ହୋଇ ବସିପିବା ପରେ ଆଲମାରି କବାଟ ବନ୍ଦ କରି ତାଲା ଲଗାଇ ଦେଲା । ଫେରେ ଆସି ଖଟ ଉପରେ ଶୋଉଛି, ବାହାରେ କିଏ ଡାକିଲା—"ଝୁନା, ଝୁନା" ।

ଝୁନା ଜାଣିପାରିଲା ଯେ ସୋମନାଥ ବାବୁ ଡାକୁଛନ୍ତି । ତେଣୁ ଯାଇ କବାଟ ଖୋଲି ଦେଲା । ଦେଖିଲା ସୋମନାଥ ବାବୁ ଏବଂ ତାଙ୍କ ପଛରେ ବନ୍ଧୁକଧାରୀ ପାଞ୍ଚ ଜଣ ପୋଲିସ୍ । ସୋମନାଥ ବାବୁ ପଚାରିଲେ, "ତୁ କଣ ଶୋଇ ନ ଥିଲୁ ?"

"ନାହିଁ ବହିଟେ ପଢ଼ୁଥିଲି ।"

"ଏଇ ଆଡ଼େ କେହି ଆସିବାର ଦେଖିଛୁ ?"

"କାହିଁ ନାହିଁ ତ—"

"ତେବେ କିଁଠି ଚାଲିଗଲା ବଦ୍‌ମାସ୍......"

"କିଏ ସେ ?"

"ସେହି ସର୍ଦ୍ଦାର......"

"ସର୍ଦ୍ଦାର" ଆଶ୍ଚର୍ଯ୍ୟ ହୋଇ ପଚାରିଲା ଝୁନା ।"

"ହଁ ସେହି ଓକିଲଙ୍କ ଘରେ ପଶି କଣ ଚୋରାଇ ନେଇ ଆସିଛି—ଆଉ ଫିରଣାର ବି ପତ୍ତା ନାହିଁ ।

"ଏଁ ! ଫିରଣାର ପତ୍ତା ନାହିଁ—ତେବେ ସେ ଗଲା କୁଆଡ଼େ ?" କେଜାଣି କିଛି ଜଣାପଡ଼ୁନି—ସେ ତ ସନ୍ଧ୍ୟାରେ ଯାଇଥିଲା ମୁକୁନ୍ଦପୁର ସେବାଶ୍ରମ ଦେଖିବାକୁ । କିନ୍ତୁ ସେଠି ନାହିଁ ବୋଲି ବର୍ତ୍ତମାନ ଖବର ଆସିଛି । ବିଦ୍ୟାଧର ବାବୁଙ୍କର ବି ପତ୍ତା ନାହିଁ ।

ଆଚ୍ଛା ତୁ କବାଟ ବନ୍ଦ କରି ଶୁଅ—ମୁଁ ଯାଉଛି । ଯଦି ଭୟ ଲାଗୁଛି ତେବେ ସେ ଘରକୁ ଚାଲିଯା ମୀନା ଏକଲା ଅଛି 'କହି ସୋମନାଥ ବାବୁ ଚାଲିଗଲେ ବାହାରକୁ ।'

ଝୁନା କବାଟ ବନ୍ଦ କରି ଦେଲା । ମନଟା ତାହାର ଆହୁରି ବ୍ୟସ୍ତ ହୋଇ ପଡ଼ିଲା । ଫିରଣା କାହିଁ ମୁକୁନ୍ଦପୁର ସେବାଶ୍ରମ ଦେଖି ଯିବାର କଥା ତ ମୋତେ କହିନି । ପିଶାଚୀ—ବିଦ୍ୟାଧର ସହିତ ପ୍ରେମ କରିବାକୁ ମଧ୍ୟ ଲଜ୍ଜା ଅନୁଭବ କଲାନି । ଏଇଥିପାଇଁ ଏତେ ବିରକ୍ତି ଦେଖାଇ ହେଉଥିଲା ମୋ ଆଗେ । ତା' ସହିତ ପେଟରେ ମୋର ବିବାହ ହେବା ପ୍ରସ୍ତାବ ଅଣାଯାଇଛି ।

"ଡାକ୍ତର ବାବୁ", ମୁସଲମାନ ବୁଢ଼ାଟି ଧୀରେ ଧୀରେ ଡାକିଲା ଆଲମାରି ଭିତରୁ । ଝୁନା ଖୋଲି ଦେଲା ଆଲମାରିଟିକୁ ଏବଂ ମୁସଲମାନ ବୁଢ଼ାଟି ଚାଲି ଆସିଲା ବାହାରକୁ । ଉଭୟେ ଚୁପ୍ ଚାପ୍ ଚାଲିଲେ ଝୁନାର ଶୟନ କକ୍ଷକୁ । କିଛି ସମୟ ଚୁପ୍ ଚାପ୍ ବସିଲା ପରେ ମୁସଲମାନ ବୁଢ଼ାଟି କହିଲା, ଜମିଦାର ଘରୁ ଯେଉଁ କାଗଜପତ୍ର ଚୋରି ହୋଇଥିଲା ତାହା ବର୍ତ୍ତମାନ ମୁଁ ପାଇଛି ।

"ପାଇଛ ? କେଉଁଠୁ ପାଇଲ ?" ଉଦ୍‌ବିଗ୍ନ ହୋଇ ଝୁନା ପ୍ରଶ୍ନ କଲା ।

"ସେହି ଝରଣାର ସୁଟକେଶରୁ·····

"ଝରଣାର ସୁଟକେଶରୁ ?" ଆଶ୍ଚର୍ଯ୍ୟ ହୋଇ ଚୁନା ଚାହିଁ ରହିଲ ସର୍ଦ୍ଦାରଙ୍କୁ ।

"ହଁ—ଆଜି ଝରଣା ମକୁନ୍ଦପୁର ଯିବାର ମୁଁ ଶୁଣି ପାରି ପଶିଥିଲି ତାର କୋଠରୀ ଭିତରେ । କାହିଁକି କେଜାଣି ତାକୁ ଦେଖି ମୋ ମନରେ ସନ୍ଦେହ ହେଉଥିଲା—କିନ୍ତୁ ସେ ଚୋରି କରି ଆଣିବାର କାରଣ କଣ ମୁଁ ଭାବି ପାରୁନି ।"

ସେ ସବୁ କେବଳ ଛଳନା—ସେହି ବିଦ୍ୟାଧରର ଏହିସବୁ କାଣ୍ଡ । ସେ ବୋଧହୁଏ ଏହି ଝରଣାକୁ ପ୍ରେମ କରୁଥିଲା । ଝରଣା ଆଗରୁ ଜାଣିପାରିଛି ଯେ ମୁଁ ଆପଣଙ୍କ ଦଳରେ ଅଛି ଏବଂ ସେହି କାଗଜପତ୍ର ପାଇଁ ଆମେ ଲାଗିଛେ । ମୋ ସହିତ ତାର ବିବାହ ପ୍ରସ୍ତାବ ଅଛି । ତେଣୁ ମୋ ଆଗରେ ବୀରତ୍ୱ ଦେଖାଇବା ପାଇଁ ବିଦ୍ୟାଧର ଦ୍ୱାରା ସେହି କାଗଜପତ୍ର ଚୋରାଇ ଆଣି ରଖିଥିଲା ମୋତେ ପଛେ ଦେବ ବୋଲି·····"

"ସେ ଯାହାହେଉ ଆଜି ଏହି ମୁହୂର୍ତ୍ତରେ ତୁମକୁ ଯାଇ ସେହି ଜମିଦାରଙ୍କୁ ହତ୍ୟା କରିବାକୁ ପଡ଼ିବ । ସେ ବର୍ତ୍ତମାନ ଗାଡ଼ିରେ ଆସିବ । ସେହି ଗାଡ଼ିରେ ଆଇ. ଜି. ମଧ୍ୟ ଆସୁଛନ୍ତି ଅନୁସନ୍ଧାନ ପାଇଁ । ବର୍ତ୍ତମାନ ଗୋଟାଏ ବାଜିଗଲାଣି । ଆଉ ଘଣ୍ଟାଏ ପରେ ଗାଡ଼ି ଆସି ପହଞ୍ଚିବ । ସେଠୁ ଜମିଦାର ଯିବ ମୁକୁନ୍ଦପୁରକୁ । ତୁମେ ଯାଇ ଆଗରୁ ରାସ୍ତାରେ ଜଗିଥିବ । ଯେପରି ହେଉ ମୋଟରଗାଡ଼ି ଅଟକାଇ ଜମିଦାରଙ୍କୁ ହତ୍ୟା କରିବାକୁ ପଡ଼ିବ । କିନ୍ତୁ ବେଶ୍ ହୁସିଆରରେ କାର୍ଯ୍ୟ କରିବାକୁ ପଡ଼ିବ । ଝରଣା ଏବଂ ବିଦ୍ୟାଧରର ପତ୍ତା ମିଳୁନି । ତେଣୁ ସେହି ମୁକୁନ୍ଦପୁର ନିକଟରେ ପୋଲିସ

ଅନୁସନ୍ଧାନ ଚଳାଉଛନ୍ତି । ତୁମ ପାଇଁ ସେହି ପୋଲ୍ ତଳେ ମୋଟର ସାଇକଲ ଅଛି । ପରିସ୍ଥିତି ଦେଖି କାର୍ଯ୍ୟ କରିବ ।

ଶୀଘ୍ର ବାହାର—ମୁଁ ଯାଉଛି, କହି ମୁସଲମାନ ବୁଢ଼ାଟି ଉଠି ଚାଲିଲା ଦାଣ୍ଡ କୋଠାକୁ । ସେ ଚାଲିଗଲା ପରେ ଟୁନା କବାଟ ବନ୍ଦ କରି ଚାଲି ଆସିଲା ଘର ଭିତରକୁ ।

× × ×

ଛଦ୍ମ ବେଶରେ ଟୁନା ବାହାରି ପଡ଼ିଲା ଘରୁ । ପକେଟରେ ପିସ୍ତଲ । କିନ୍ତୁ ବାହାରକୁ ଯିମିତ ଆସିଛି ହୃଦୟଟା ତା'ର ଧଡ଼ ଧଡ଼ ହେବାକୁ ଲାଗିଲା । ମୁଣ୍ଡଟା ଘୂରି ଘୂରି ଗଲା । ମନେ ହେଲା ସତେ ଯେପରି କି ପୋଲିସ୍ ତାର ପଛେ ପଛେ ଲାଗିଛନ୍ତି । ତଥାପି ସାହସ ଧରି ଚାଲିଲା ବେଗରେ । ପ୍ରାୟ ଅଧମାଇଲ ପରେ ପଡ଼ିଲା ସେହି ପୋଲଟି, ଯାର ତଳେ ଆଗରୁ ରଖାଯାଇଛି ମୋଟର ସାଇକଲ୍ । ଚତୁର୍ଦ୍ଦିଗକୁ ଦେଖିଲା ଲୋକବାକ କେହି କୁଆଡେ ନାହିଁ । ହଠାତ୍ ପଶିଗଲା ପୋଲ ଭିତରକୁ । ମୋଟର ସାଇକେଲଟିକୁ ଉଠାଇ ଉପରକୁ ଆଣିଲା । ତା ପରେ ତୀର ବେଗରେ ଛୁଟାଇ ଦେଲା ମୋଟର ସାଇକଲଟିକୁ ମକୁନ୍ଦପୁର ରାସ୍ତାରେ ।

ଯେଉଁଠାରେ ଝରଣା ଅନ୍ୟମାନଙ୍କୁ ହତ୍ୟା କରି ନିଜେ ମୃତ୍ୟୁ ବରଣ କରିଥିଲା ସେଠି ଟୁନାର ମୋଟର ସାଇକଲ୍ ଅଟକି ଗଲା । ଦେଖିଲା ରାସ୍ତା କଡ଼େ ଅଳ୍ପ ଦୂରରେ ରକ୍ତ ମାଟି ଉପରେ ପଡ଼ି ଶୁଖି ଯାଇଛି । ରକ୍ତ ଦେଖି ତାର ଶରୀରର ସମସ୍ତ ରକ୍ତ ପାଣି ହୋଇଗଲା । ଏଠିକି ରକ୍ତ ଆସିଲା କେଉଁଠୁ ? କିଛି ଭାବି ଠିକ୍ କରି ପାରିଲାନି । ମନରେ ତା'ର ଭୟ ହେଲା । ଫେରି ଯିବାକୁ ପ୍ରାଣ

ଡାକିଲା । ପ୍ରାଣକୁ ଭୟ ନାହିଁ ବା କାହାର ? କିନ୍ତୁ ସାହସ ବାନ୍ଧି ଠିକ୍ କଲା ଆଜି ଜମିଦାରର ରକ୍ତ ଦେଖି ଫେରିବ । ଜୀବନର ବ୍ରତ ସମାପନ କରିବ । ଜମିଦାର ରକ୍ତରେ ତର୍ପଣ କରି ବିଦ୍ରୋହର ସମସ୍ତ ଉତ୍ତେଜନା ହୃଦୟର ସମସ୍ତ ଭୟକୁ ଦୂର କରି ଦେଲା । ନିର୍ଜନତା ଦେଖି ସେଠି ଲୁଚି ରହିଲା ସେହି ଝାଉଁ ବଗିଚା ଭିତରେ । ହାତଘଡ଼ି ଦେଖିଲା ସାଢ଼େ ଦୁଇଟା ବାଜିଛି । ଆଉ ବୋଧହୁଏ ଅଧଘଣ୍ଟାଏ ପରେ ଜମିଦାରର ମୋଟରଗାଡ଼ି ଆସି ପହଞ୍ଚିବ ଏଠି ।

ପ୍ରାୟ କୋଡ଼ିଏ ମିନିଟ ପରେ ଦେଖାଗଲା ଦୂରରୁ ମୋଟର ଲାଇଟ୍ । ଟୁନା ପ୍ରସ୍ତୁତ ହୋଇ ରହିଲା । ସାଇଁ କରି ଯେମିତି କାର୍ ପାଖ ହୋଇଛି 'ଗୁଡୁମ୍' କରି ଗର୍ଜି ଉଠିଲା ଟୁନା ହାତର ପିସ୍ତଲ । ସଙ୍ଗେ ସଙ୍ଗେ ପଛ ଚକଟା ଫାଟିଗଲା ଏବଂ କାରଟା ଏଣେତେଣେ ହୋଇ ପଶିଗଲା ଝାଉଁ ବଗିଚା ଭିତରେ । ଟୁନା ଦୌଡ଼ି ଯାଇ ପହଞ୍ଚିଗଲା ଗାଡ଼ି ନିକଟରେ । ରାମନାରାୟଣ ବାବୁ ଗାଡ଼ିରୁ ମୁହଁ ବାହାର କରି ଯେମିତି ଚୁହିଁଛନ୍ତି ପଦାକୁ ସେମିତି ଟୁନାର ପିସ୍ତଲରୁ ଗୁଡୁମ୍ କରି ଆଉ ଗୋଟାଏ ଗୁଳି ଛୁଟିଗଲା । ସଙ୍ଗେ ସଙ୍ଗେ ରାମନାରାୟଣ ବାବୁ ଢଳି ପଡ଼ିଲେ ସିଟ୍ ଉପରେ । ଟୁନା ଫେରେ ଡ୍ରାଇଭରକୁ ଲକ୍ଷ୍ୟ କରି ପିସ୍ତଲ ଚଳାଇଲା । ଡ୍ରାଇଭର୍ ତରବର ହୋଇ ପଦାକୁ ବାହାରିବାକୁ ଉଦ୍ୟତ ହେଉଥିଲା । ଠିକ୍ କପାଳରେ ଗୁଳି ବାଜି ଢଳି ପଡ଼ିଲା ତଳେ ।

ଦୂରରୁ ହଠାତ୍ ଦେଖାଗଲା ଆଗପଛ ହୋଇ ଦୁଇଟା ଆଲୋକ । ଟୁନା ଜାଣିପାରିଲା ଯେ ଦୁଇଟି ଗାଡ଼ି ଖୁବ ବେଗରେ ଛୁଟିଛନ୍ତି । କ୍ଷଣକ ପାଇଁ କଣ କରିବ କିଛି ନିଷ୍ପତ୍ତି କରିପାରିଲା

ନାହିଁ । ଦ୍ରୁତ ହୋଇ ପଶିଗଲା ଝାଉଁ ବଗିଚା ଭିତରକୁ । ଦୌଡ଼ି ଚାଲିଲା ଆଗକୁ ।

ଦୁଇଟି ପୋଲିସବାହି ଟ୍ରକ୍ ଆସି ଠିଆ ହୋଇଗଲା ରାମନାରାୟଣ ବାବୁଙ୍କ ମୋଟର ପାଖେ । ସଙ୍ଗେ ସଙ୍ଗେ ହୁଇସିଲ୍ ଦ୍ୱାରା ବିପଦ ସଙ୍କେତ ଜଣାଇ ଦିଆଗଲା । ସିପେହୀମାନେ ଫକ୍ ଫାଙ୍କ୍ ଗାଡ଼ିରୁ ଓହ୍ଲାଇ ଗଲେ ବନ୍ଧୁକ ଧରି । ଆଦେଶ ମୁତାବକ ଏଣେ ତେଣେ ସର୍ଚ୍ଚ ଲାଇଟ୍ ଧରି ଖୋଜା ଲଗାଇଲେ ଝାଉଁ ବଗିଚା ଭିତରେ ।

ଟୁନା ଦୂରରୁ ସବୁ ଦେଖି ପାରୁଥାଏ । କିନ୍ତୁ ଗାଡ଼ିର ଲାଇଟ୍ ଯେମିତ ଲିଭିଗଲା ଆଉ କିଛି ଦେଖି ପାରିଲା ନାହିଁ । ଭୟରେ ଗୋଟାଏ ବାଲିକୁଦ ପାଖେ ଲୁଚି ବସିଥାଏ । ଆଉ ଫିଟିବାର ଉପାୟ ନାହିଁ । ବାଲିରେ ବି ଦୌଡ଼ିଯିବା ଅସମ୍ଭବ । ସମୁଦ୍ର ଗର୍ଜନ ସ୍ପଷ୍ଟ ଭାବେ ଶୁଣାଯାଉ ଥାଏ । ସମୟେ ସମୟେ ଅନୁଭବ କରୁଥାଏ ସତେ ଯେମିତି ପୋଲିସ୍ ତାର ପଛରୁ ବନ୍ଧୁକ ଲକ୍ଷ୍ୟ କରି ଆସୁଛନ୍ତି । ତେଣୁ ଭୟରେ ଚାରିଦଗକୁ ତୀକ୍ଷ୍ଣ ଭାବେ ଦେଖୁଥାଏ । କିନ୍ତୁ ଘନ ଅନ୍ଧାର ।

ହଠାତ୍ କିଏ ଜଣେ ଡାକିଲା "ଟୁନା" ।

ଟୁନା ଡାକ ଶୁଣି ଭାବିଲା "ନାଁ ଭେହୁ ନୁହେଁ । ବାପା କାହିଁକି ଏଠିକି ଆସିବେ ? ସେ ତ ଆଇ. ଜି. ଙ୍କ ନିକଟରେ ଥିବେ ।" ପରକ୍ଷଣରେ ତା'ର ମନରେ ସାହସ ଆସିଲା । ବାପା ଯଦି ଆସିଥାନ୍ତି ତେବେ ନିଶ୍ଚୟ ରକ୍ଷା ପାଇଯାନ୍ତି ।

ଫେରେ କିଏ ଡାକିଲା "ଟୁନା" ।

ଝୁନା ଚମକି ପଛକୁ ଚାହିଁଲା ସୋମନାଥ ବାବୁ ଠିଆ ହୋଇଛନ୍ତି ।

ଝୁନାର ସମସ୍ତ ଉତ୍ତେଜନା କେଉଁଆଡ଼େ ଉଭେଇ ଗଲା । ବାପାଙ୍କୁ ଦେଖି ମନରେ ତା'ର ସାହସ ଫେରି ଆସିଲା । ଠିଆ ହେବାକୁ ଚେଷ୍ଟା କଲା; କିନ୍ତୁ ପାରିଲା ନାହିଁ । ଅଜଣା ଆଶଙ୍କା ଗୋଡ଼ ଦୁଇଟାକୁ ତା'ର ଅବଶ କରି ଦେଇଥାଏ । ସୋମନାଥ ବାବୁ ନିକଟକୁ ଆସି ଝୁନାର ମୁଣ୍ଡରେ ହାତ ବୁଲାଇ କହିଲେ, "ଉଠ— ଭୟ କରୁଛୁ ? ମୁଁ ତୋର ବାପ ପରା—"

ଝୁନା ଧୀରେ ଧୀରେ ଉଠି ଠିଆ ହେଲା । ସତେ ଯେପରି କି କିଛି ଗୋଟାଏ ଗୁରୁତର ଦୋଷ କରି ଦେଇଛି ।

ସୋମନାଥ ବାବୁ ସାନ୍ତ୍ୱନା ଦେଇ କହିଲେ, "ଭୟ କରୁଛୁ ? ବାପ, ଉଚିତ ସ୍ଥାନରେ ତୋ ସହିତ ମୋର ସାକ୍ଷାତ ହୋଇଛି— ତେଣୁ ମୁଁ ଗର୍ବ ଅନୁଭବ କରୁଛି, ବାସ୍ତବିକ୍ ତୋ ପରି ବିପ୍ଳବୀର ବାପ ହୋଇ ।"

ଝୁନା ଭାବି ପାରିଲା ନାହିଁ ବାପା ବ୍ୟଙ୍ଗ କରୁଛନ୍ତି ନା ସତ୍ୟ କହୁଛନ୍ତି ।

ସୋମନାଥ ବାବୁ କହିଲେ, "ବର୍ତ୍ତମାନ କଥା ହେବାକୁ ସମୟ ନାହିଁ । ପୋଲିସ୍ ଫେରି ଆସିବେ । ଅଚ୍ଛା ତୁ ଏଠି ଥା', ମୁଁ ଏହିକ୍ଷଣି ଆସୁଛି ।"

ଝୁନା ଚୁପ୍‌ଚାପ୍ ବସିଗଲା । ସୋମନାଥ ବାବୁ ଦୌଡ଼ ଦୌଡ଼ ଚାଲିଗଲେ ଷ୍ଟେଜ୍ ଉପରକୁ ।

ହଠାତ୍ ଭସିଲ ବାଜି ଉଠିଲା ସଙ୍ଗେ ସଙ୍ଗେ ସମସ୍ତ ସିପାହି ଚାଲି ଆସିଲେ । ସୋମନାଥ ବାବୁ ଆଦେଶ ଦେଲେ, "ମକୁନ୍ଦପୁରକୁ ଯିବା ଆଉ କୌଣସି ଆବଶ୍ୟକ ବର୍ତ୍ତମାନ ନାହିଁ ।

ତୁମେମାନେ ବର୍ତ୍ତମାନ ଟାଉରେ ଯାଇ ସମୁଦ୍ର ବେଳାରେ ଅନୁସନ୍ଧାନ କର । ମୁଁ ଏଇଠି ରହୁଛି ।"

ସିପାହିମାନେ ସଙ୍ଗେ ସଙ୍ଗେ ଟ୍ରକରେ ଚଢ଼ିଗଲେ । ଗୋଟିଏ ସିପାହି କହିଲା—"ଆଜ୍ଞା, ଏହି ମୋଟର ସାଇକଲଟା ସେହି ଗଛ ପାଖରୁ ପାଇଛି ।"

"ସେଇଟା ଏଇଠି ଥାଉ । ମୁଁ ସେଥିରେ ଯିବି ।"

ଟ୍ରକ୍ ଦୁଇଟା ସିପାହିମାନଙ୍କୁ ଧରି ଛୁଟିଲା ସମୁଦ୍ର ବେଳାକୁ ।

ସୋମନାଥ ବାବୁ ଚାଲି ଆସିଲେ ଟୁନା ପାଖକୁ । ଟୁନା ବର୍ତ୍ତମାନ ସାହସ ପାଇ ଠିଆ ହେଲା । ସୋମନାଥ ବାବୁ କହିଲେ—"ଟୁନା ବାସ୍ତବିକ ତୋର ପରି ପୁଅ ପାଇ ମୁଁ ଆଜି ନିଜକୁ ଭାଗ୍ୟବାନ ମନେ କରୁଛି ।

ତୁ ଯାହା କରିଛୁ ନ୍ୟାୟ—କାନୁନ ଦ୍ୱାରା ତୁ ଅପରାଧୀ ହୋଇ-ପାରୁ; କିନ୍ତୁ ମୋ ସମ୍ମୁଖରେ ତୁ ନିର୍ଦ୍ଦୋଷ । ତୁ ଭାବିଛୁ ମୁଁ କିଛି ଆଗରୁ ଜାଣି ନଥିଲି । କିନ୍ତୁ ମୁଁ ଆଗରୁ ସବୁ ଜାଣେ । ଜାଣି ଜାଣି ତତେ ସବୁ ପ୍ରକାର ସୁବିଧା ଦେଇଥିଲି । ଦେଶ ପାଇଁ ତୁ ପ୍ରାଣ ଦେବୁ ଭାବିଦେଲେ ମୋର ଛାତି ଗର୍ବରେ ଫୁଲି ଉଠୁଛି……"

ସୋମନାଥ ବାବୁଙ୍କ ଆଖି ଛଳ ଛଳ ହୋଇଗଲା । ଗଳା ରୁଦ୍ଧ ହୋଇ ଆସିଲା । ସେ ଆଉ କିଛି କହି ପାରିଲେ ନାହିଁ ।

କିଛି ସମୟ ନୀରବରେ ରହିବା ପରେ ଫେରେ ଆରମ୍ଭ କଲେ "ଝୁନା—ତୁ ମୋର ଗୋଟାଏ ଅନୁରୋଧ ରକ୍ଷା କରିବୁ ?"

"ହଁ କହନ୍ତୁ—ଜୀବନ ଦେଇ ରକ୍ଷା କରିବ !!"

"ସେହି ଆମର ଗୋରା ଆଇ. ଜି. ସାହେବ ଆସି ମୀନାକୁ ନେଇଛନ୍ତି ତା'ର ବଙ୍ଗଳାକୁ କଣ ଇନ୍‌କ୍ୱାଇର କରିବ ବୋଲି । ମୁଁ ଜାଣେ ସେ କି ପ୍ରକୃତିର ଲୋକ……" ଆଉ କହି ପାରିଲେ ନାହିଁ । ମୌନ ରହିଗଲେ ।

ଝୁନା ବ୍ୟସ୍ତ ହୋଇ କହିଲା, "କହୁ ନାହାନ୍ତି କାହିଁକି କଣ ହୋଇଛି ?"

"ସୋମନାଥ ବାବୁ ଦୃଢ଼ ହୋଇ ଗମ୍ଭୀର ଭାବେ କହିଲେ— ସେ ଆଜ ମୀନାକୁ ନେଇଛନ୍ତି ଅତ୍ୟାଚାର କରିବ ବୋଲି । ନିଜର ପାପ ଲାଳସା ପୂର୍ଣ୍ଣ କରିବ ବୋଲି । ପ୍ରକୃତରେ ତୁ ଯେବେ ତା'ର ଭାଇ ବୋଲି ଗର୍ବ କରୁ ତେବେ ଶୀଘ୍ର ଯାଇ ତାକୁ ରକ୍ଷା କର ।"

ବାପା—ତେବେ ତୁମେ ଏପରି ପରିସ୍ଥିତିରେ ଆସିଲ କାହିଁକି ?"

"ଆଦେଶ ମାନିବା ମୋର କର୍ତ୍ତବ୍ୟ ।"

"ତେବେ ଏହିକ୍ଷଣି ମୁଁ ଯାଉଛି—ସେହି ପାପୀକୁ ନିଶ୍ଚୟ ଉପଯୁକ୍ତ ଶାସ୍ତି ଦେବ ।" ଝୁନା ରାଗରେ ଲାଲ ପଡ଼ି ଯାଇଥାଏ । ସାରା ଶରୀର ଥରି ଯାଉଥାଏ । ସୋମନାଥ ବାବୁ କହିଲେ, "କିନ୍ତୁ ଯିବା ପୂର୍ବରୁ ଆଉ ଗୋଟାଏ ଅନୁରୋଧ……"

"ଯିବା ପୂର୍ବରୁ ମତେ ମାରି ଦେଇ ଯା ।"

"ବା……ପା"

"ହଁ ବିପ୍ଳବୀ ତୁ । ମୋର ମର୍ଯ୍ୟାଦା ରକ୍ଷା କରିବା ତୋର କର୍ତ୍ତବ୍ୟ ।

ମୁଁ ମୀନାର ଅପବାଦ ଶୁଣିବା ପୂର୍ବରୁ, ତୁ ଫାଶିଖୁଣ୍ଟରେ ଚଢ଼ିବା ପୂର୍ବରୁ ମୁଁ ମରିବାକୁ ଚାହେଁ । କିଣ ମୋର ଏହି କଣ୍ଠିତ ଅନୁରୋଧ ରକ୍ଷା କରି ପାରିବୁନି ?"

ତୁମେ ନିଶ୍ଚିନ୍ତ ରହ—ମୁଁ ମୀନାକୁ ରକ୍ଷା କରିବ । ସେହି ପିଶାଚକୁ ସ୍ପର୍ଶ କରିବାକୁ ସୁଦ୍ଧା ସମୟ ଦେବିନି । ଏହା ଜାଣି ରଖିଥାନ୍ତୁ—ସେ ସ୍ପର୍ଶ କରିବା ପୂର୍ବରୁ ମୋର ବନ୍ଧୁକ ତା'ର ଜୀବନ ନାଟିକାକୁ ଛିନ୍ନଭିନ୍ନ କରି ଦେଇଥିବ ।

ନାହିଁ ନାହିଁ ସେ ସବୁ ମୁଁ ଶୁଣିବାକୁ ଚାହେଁ ନା । ତୁ ଯଦି ପ୍ରକୃତରେ ବିପ୍ଳବୀ ହୋଇଥିବୁ, ତୁ ଯଦି ମୋତେ ପ୍ରକୃତରେ ସ୍ନେହ କରୁଥିବୁ, ତୁ ଯଦି ମୋର ମୀନାକୁ ହୃଦୟ ଦେଇ ଆଦର କରୁଥିବୁ ତେବେ ନିଶ୍ଚୟ ଗୁଳି କର—ଯଦି ଗୁଳି ନ କରିବୁ ତେବେ ମୁଁ ଜାଣିବି ତୁ ବିପ୍ଳବୀ ନୁହଁ, ଭୀରୁ, କାପୁରୁଷ ......"

"ବା......ପା"

"ହଁ ଶୀଘ୍ର ଗୁଳି କର ।"

"ଗୁଡ଼ୁମ୍ ।"

ସଙ୍ଗେ ସଙ୍ଗେ ସୋମନାଥବାବୁଙ୍କ ଶରୀର ଲୋଟିଗଲା ଭୂଇଁ ଉପରେ । ଝୁନା ଉଇ ପାଟିରେ ବାପା ବୋଲି ଡାକ ବସିଗଲା ଏବଂ ସୋମନାଥବାବୁଙ୍କ ମଥାକୁ କୋଳ ଉପରେ ରଖି ପ୍ଲାବିତ କରି କହିଲା, "ଏ କି ଆଦେଶ ତୁମର ବାପା ?"

"ମୋର ଆଜି ଆତ୍ମା ଶାନ୍ତି ପାଇଛି ଝୁନା । ମୁଁ ଆଜି ଭାଗ୍ୟବାନ ମନେ କରୁଛି ।"

ଧୀର ଧୀର ରକ୍ତ ଭୂଇଁଟାକୁ ଓଦା କରି ଦେଲାଣି । ରହି ରହି ସୋମନାଥ ବାବୁ କହିଲେ, "ଟୁନା, ଝରଣା ତୋତେ ବେଶି ଆଦର କରେ—ହୃଦୟ ଦେଇ ପ୍ରେମ କରେ । ତୁ କିନ୍ତୁ ତାକୁ ଭୁଲ ବୁଝିଛୁ । ସେ ତତେ ପ୍ରଥମ ଦିନ ରାତି ଦସ୍ୟୁ ବେଶରେ ଆସି ରକ୍ଷା କରିଛନ୍ତି । ସେ ତୋ ପାଇଁ ଜମିଦାର ଘରୁ କାଗଜ ଚୋରାଇ ଆଣିଛନ୍ତି, ଯାହାକି ବର୍ତ୍ତମାନ ତୋର ଆଲମାରୀ ଭିତରେ ସର୍ଦ୍ଦାର ରଖି ଦେଇଛନ୍ତି । ଝରଣା ତୋର ସେହି ଚିଠି ଏବଂ ବନ୍ଧୁକ ଚୋରାଇ ନେଇଛନ୍ତି ବିଦ୍ୟାଧରକୁ ହତ୍ୟା କରିବାକୁ—ସେ ତୋ ପାଇଁ ବହୁତ କଷ୍ଟ ସହିଛନ୍ତି । ବୋଧହୁଏ ସେ ଆଜ ଜୀବିତ ନଥିବ । ଟୁନା—ତୁ ବର୍ତ୍ତମାନ ଯାଅ । ସେଠି ତୋର ମୋଟର ସାଇକଲ ଅଛି—ମୀନାକୁ ମୋର ଶେଷ ଆ—ଶୀ—ର୍ବାଦ"—ଢଳି ପଡ଼ିଲା ସୋମନାଥ ବାବୁଙ୍କ ମଥା ଗୋଟାଏ କରକୁ ।

ଟୁନା ଆଉ ଅପେକ୍ଷା ନ କରି ନିଜର ପିସ୍ତଲ ସେଠି ପକାଇ ଦେଇ, ସୋମନାଥ ବାବୁଙ୍କ ଗୁଳିଭରା ପିସ୍ତଲ ଧରି ଦୌଡ଼ି ଗଲା ମୋଟର ସାଇକଲ ପାଖକୁ ।

( ଦଶ )

ଫଂଟ୍ ଫଂଟ୍ ହୋଇ ମୋଟର ସାଇକଲ ଛୁଟିଛି ତୀର ବେଗରେ । ଆଜି ଟୁନାର ପ୍ରାଣରେ ଅପୂର୍ବ ଉତ୍ତେଜନା—ନୈସର୍ଗିକ ପ୍ରେରଣା । ବାପାଙ୍କର ଆଦେଶ—ନିଜର ଜୀବନ ଦେଇ ମୀନାର ସତୀତ୍ୱ ରକ୍ଷା କରିବା ।

ମୋଟର ସାଇକଲ ଦୂରରେ ରଖି ଶୀଘ୍ର ଶୀଘ୍ର ଚାଲିଲା ଆଇ. ଜି. ଙ୍କ ବଙ୍ଗଳାକୁ । ଝରକା ବାଟେ ଦୂରରୁ ଦେଖି ପାରିଲା ମୀନା ଚୁପ୍ ଚାପ୍ ବସିଛି ଗୋଟିଏ ଚୌକିରେ । ଆଇ. ଜି. ସାହେବ କଣ ଜୋରରେ କହି ଚାଲିଛନ୍ତି । ଠିକ୍ ଫାଟକ ପାଖେ ଟୁନା ଯାଇ ପହଞ୍ଚିଲା । ବନ୍ଧୁକ ଧରି ସିପାହିମାନେ ପହରା ଦେଉଛନ୍ତି ।

ଟୁନା ଉତ୍ସୁକ ହୋଇ ସିପାହି କୁ କହିଲା, "ମୁଁ ଆଇ. ଜି. ସାହେବଙ୍କ ସହିତ ସାକ୍ଷାତ କରିବାକୁ ଚାହେଁ ।"

ଆଜ୍ଞା, ସାହେବଙ୍କ ଆଦେଶ, ବିନାନୁମତିରେ କାହାକୁ ହେଲେ ଭିତରକୁ ଛାଡ଼ିବାକୁ ମନା ।

"କାହିଁକି ?"

"କେଜାଣି ସେ କଥା ମୁଁ ଜାଣେନା ।"

ଟୁନା ଚୁପ୍ ଚାପ୍ ସେଠି ଠିଆ ରହି ଆଇ. ଜି.ଙ୍କ କାର୍ଯ୍ୟକଳାପ ଲକ୍ଷ୍ୟ କଲା, ବୋଧହୁଏ ସେ ଏ ପର୍ଯ୍ୟନ୍ତ ମୀନା ଦେହରେ ହାତ ଦେବାକୁ ଚେଷ୍ଟା କରିନାହାନ୍ତି ।

ହଠାତ୍ ଆଇ. ଜି.ଙ୍କ ସ୍ୱର ଶୁଣାଗଲା ।

"ଅର୍ଡ଼ଲି" ସାହେବ ଡାକିଲେ ।

ସଙ୍ଗେ ସଙ୍ଗେ ଗୋଟାଏ ସିପାହୀ ପହଞ୍ଚିଲା ।

ସମସ୍ତ ଝରକା ଦ୍ୱାର ବନ୍ଦ କରି ଚାଲିଯାଅ ।

ମୀନା ହଠାତ୍ ଉଠି ପଡ଼ି କହିଲା - "ଆପଣଙ୍କ ଉଦ୍ଦେଶ୍ୟ ?"

ଚୁପ୍ ଚାପ୍ ବସ—ପାଟି ଯଦି କର ତେବେ ଜାଣି ରଖିଥ ତୁମ ବାପାଙ୍କ କାର୍ଯ୍ୟ ମୋ ହାତରେ······"

ସିପାହୀ ଝରକା ବନ୍ଦ କରିବା ଅରମ୍ଭ କରି ଦେଲାଣି । ଗୋଟାଏ ଗୋଟାଏ ଝରକା ବନ୍ଦ କରୁଛି ଚୁନା! ଆଉ ଅପେକ୍ଷା ନ କରି ଦୌଡ଼ି ଚାଲିଲା ବଙ୍ଗଳାର ପଛ ପଟକୁ । ଦେଖିଲା ସେଠି ବନ୍ଧୁକ ଧରି ଜଗିଛି ବୃଦ୍ଧ ସିପାହୀ ଗୋପାଳ । ସେ ଚୁନାକୁ— ବେଶି ଆଦର କରେ । ବହୁତ ଦିନରୁ ସେ ସୋମନାଥ ବାବୁଙ୍କ ଘରେ ରହିଛି । ଆଜିର ଏ କାର୍ଯ୍ୟକଳାପ ଦେଖି ସେ ଉତ୍ୟକ୍ତ ହୋଇ ଅପେକ୍ଷା କରିଛି—ଯଦି ଆଇ. ଜି. ସାହେବ ମୀନାକୁ ସ୍ପର୍ଶ କରନ୍ତି ତେବେ ନିଶ୍ଚୟ ତାର ବନ୍ଧୁକ ଆଇ ଜି. ସାହେବଙ୍କ ଖପୁରି ଉଡ଼ାଇ ଦେବ ।

ହଠାତ୍ ଚୁନା ତାକୁ ଦେଖି କହିଲା, "ଗୋପାଳ ମତେ ଭିତରକୁ ଯିବାକୁ ଛାଡ଼ ।"

"ଆପଣ ଚୁପ୍ ରହନ୍ତୁ । ମୁଁ ସେହି ସଇତାନର ପ୍ରତିଶୋଧ ନେବି—ମୁଁ ଜୀବିତ ଥିବା ଯାଏଁ ମୀନାକୁ କେହି ସ୍ପର୍ଶ କରି ପାରିବେନି ।"

ନାହିଁ ନାହିଁ ତୁମେ କିଛି କରନି । ତୁମର ଭବିଷ୍ୟତ ଚିନ୍ତା କର । ତୁମର ସ୍ତ୍ରୀ, ପୁଅ ଝିଅଙ୍କ ଭବିଷ୍ୟତ ଚିନ୍ତା କର······"

ଗୋପାଳ ଚୁପ୍ ହୋଇ ଠିଆ ହୋଇଗଲା । ପାଗଳ ପରି ଝୁନା ପଶିଗଲା ବଙ୍ଗଳା ଭିତରକୁ । 'ଗୁଡ଼ୁମ୍' କରି ଗର୍ଜି ଉଠିଲା ହାତର ପିସ୍ତଲ । ସଙ୍ଗେ ସଙ୍ଗେ ଆଇ. ଜି. ସାହେବଙ୍କ ସ୍ଥୁଳ ଶରୀର ତଳି ପଡ଼ିଲା ଚୌକି ଉପରେ ।

ମୀନା ଉଚ୍ଚ ପାଟିରେ ଡାକ ଦେଲା "ଗୋପାଳ, ଗୋପାଳ ମତେ ରକ୍ଷାକର ।"

ସଙ୍ଗେ ସଙ୍ଗେ ସିପାହିମାନେ ଚାଲି ଆସିଲେ । ଝୁନା ପହଞ୍ଚିଗଲା ମୀନା ନିକଟରେ । ଝୁନା ହାତରେ ପିସ୍ତଲ ଦେଖି ମୀନା ଚମକି ପଡ଼ିଲା ।

"ଭୟ କରନା ମୀନା—ତୋର ଭାଇ ଯେତେବେଳେ ଜୀବିତ ଅଛି ତୋର କେଶ ସୁଦ୍ଧା କେହି ସ୍ପର୍ଶ କରି ପାରିବେ ନାହିଁ ।"

ସିପାହିମାନେ ଝୁନାକୁ ଏରେଷ୍ଟ କରି ଦେଲେ ।

ମୀନା ଚିତ୍କାର କରି ଉଠିଲା ଛାଡ଼ ଛାଡ଼ ତାଙ୍କୁ—ଭାଇ ତୁମେ କଣ କଲ ?......ମୀନା ମୂର୍ଚ୍ଛିତା ହୋଇ ପଡ଼ିଗଲା ତଳେ ।

ସିପାହିମାନେ ମୀନାକୁ ନେଇଗଲେ ଡାକ୍ତରଖାନାକୁ ଏବଂ ଝୁନାକୁ ଥାନାକୁ ।

ଦୁଇଦିନ ପରେ ଖବର କାଗଜରେ ବାହାରି ପଡ଼ିଲା ଘଟିଥିବା ସମସ୍ତ ଘଟଣା—ହରଣା, ଛଦ୍ମବେଶୀ ଦେଶ ସେବକ ବିଦ୍ୟାଧର ଏବଂ ଅନ୍ୟ ଜଣେ କର୍ମୀର ମୃତ ଶରୀର ସାଗର ମେଳାରେ ମିଳିଥିବା ଖବର, ରାମନାରାୟଣ ବାବୁଙ୍କୁ ହତ୍ୟା କରାଯାଇଥିବା ଖବର, ଶେଷରେ ଝୁନା ଠାରୁ ମିଳିଥିବା ସୋମନାଥବାବୁଙ୍କ ହତ୍ୟା ଖବର ଇତ୍ୟାଦି ଇତ୍ୟାଦି ।

ତାପରେ ବିତିଗଲା ଗୋଟାଏ ମାସ । ଝୁନାର ବିଚାର କରାଗଲା । ହତ୍ୟା କରିଥିବା ବିଚାରରେ ତାକୁ ଦିଆଗଲା ଫାଶିଦଣ୍ଡ ।

ଝୁନା ସମସ୍ତ ହତ୍ୟା ପାଇଁ ଦାୟୀ ବୋଲି ସ୍ୱୀକାର କରିବାରୁ ସର୍ଦ୍ଦାର ନିର୍ଦ୍ଦୋଷ ପ୍ରମାଣିତ ହୋଇ ତା ଉପରେ ଥିବା ୱାରେଣ୍ଟ ଉଠାଇ ନିଆଗଲା । ମୁକୁନ୍ଦପୁର ସେବାଶ୍ରମର କେତେ ଜଣ ବିଶିଷ୍ଟ ନାରୀ ଏବଂ ପୁରୁଷ କର୍ମୀଙ୍କୁ ଆଜୀବନ କାରାଦଣ୍ଡ ଦିଆଗଲା ।

ସରକାର ସନ୍ତୋଷ ହୋଇ ସେବାଶ୍ରମର ପରିଚାଳନା ଭାର ଦେଲେ ସର୍ଦ୍ଦାରଙ୍କୁ । ମୀନା ବି ରହିଲା ପ୍ରଧାନ ପରିଚାଳିକା ଭାବେ ସେହି ଆଶ୍ରମରେ । ମୁକୁନ୍ଦପୁର ଚାଷୀମାନେ ନିଜ ନିଜ ଜମି ଫେରି ପାଇଲେ ।

ଶେଷରେ ମୀନା ଗଢ଼ିଦେଲା ସେହି ଆଶ୍ରମର ଗୋଟାଏ ପୁରୁଣା ବରଗଛ ତଳେ ଦୁଇଟି ଲାଲ-ସମାଧି ଝରଣା ଏବଂ ଝୁନାର ଅସ୍ଥି ଉପରେ । ଏହି ଥିଲା ଝୁନାର ଶେଷ ଅନୁରୋଧ ମୀନାକୁ—ଗଢ଼ିବା ପାଇଁ ଦୁଇଟି ଲାଲ-ସମାଧି ତା'ର ଏବଂ ଝରଣାର ଅସ୍ଥି ଉପରେ । ପ୍ରତୀକ ସେହି ଲାଲ ସମାଧି ସମସ୍ତଙ୍କ ମନରେ ସ୍ମରଣ କରାଇଦିଏ, ମୁକୁନ୍ଦପୁର ଚାଷୀମାନଙ୍କ ପାଇଁ ଘଟିଯାଇଥିବା ହତ୍ୟା-କାଣ୍ଡ ଏବଂ ଝରଣା ଓ ଝୁନାର ଦେଶବାସୀଙ୍କ ପାଇଁ ଜୀବନ ବଳିଦାନ ।

---

ମୁଦ୍ରାକର—ଶ୍ରୀ କିଶୋରଚନ୍ଦ୍ର ମିଶ୍ର, କବିତା ପ୍ରେସ, କଟକ—୧